


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୨ ନଭେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 NOVEMBER 2021

Vol.No. 32 ■ No. 297 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର୍ ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଜସ୍ଥାନରେ ୧୧ କ୍ୟାବିନେଟ ଓ ୪ ରାଷ୍ଟ୍ରମନ୍ତ୍ରୀଙ୍କ ଶପଥ

ନୂଆଦିଲ୍ଲୀ,୨୧/୧୧: ସରକାର ରହିଛି, କିନ୍ତୁ ମନ୍ତ୍ରିମଣ୍ଡଳର ହେଲା ନବକଳେବର । ରାଜସ୍ଥାନରେ ଅଶୋକ ଗେହଲଟ ମନ୍ତ୍ରିମଣ୍ଡଳର ଚେହେରା ବଦଳିଯାଇଛି । ରାଜସ୍ଥାନରେ ଆଜି ୧୧ କ୍ୟାବିନେଟ ଓ ୪ ରାଷ୍ଟ୍ରମନ୍ତ୍ରୀଙ୍କ ସହ ଶପଥ ନେଇଛନ୍ତି ମୋଟ ୧୫ ମନ୍ତ୍ରୀ । ନୂଆ ମନ୍ତ୍ରିମଣ୍ଡଳରେ ସଚିନ ପାଇଲଟଙ୍କ ୫ ସମର୍ଥକଙ୍କୁ ସାମିଲ କରାଯାଇଛି । ଏହାଦ୍ୱାରା ଦୀର୍ଘଦିନ ଧରି ଅଶୋକ ଗେହଲଟ ଓ ସଚିନ ପାଇଲଟଙ୍କ ମଧ୍ୟରେ ଚାଲିଥିବା ବିବାଦ ଥମିଯାଇଥିବା ଚର୍ଚ୍ଚା ହେଉଛି । ରାଜସ୍ଥାନ ରାଜନୀତିରେ ସରିଲା ଛକାପଞ୍ଝା ! ସଚିନ ପାଇଲଟଙ୍କୁ ସନ୍ତୁଷ୍ଟ କରିବାକୁ ପ୍ରୟାସ । ଦୀର୍ଘ ଦିନ ହେବ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଓ ଯୁବନେତା ସଚିନ



ପାଇଲଟଙ୍କ ମଧ୍ୟରେ ଚାଲିଥିବା ବିବାଦ ରାଜ୍ୟ ରାଜନୀତିକୁ ସରଗରମ କରି ରଖିଥିଲା । ଦୁଇ ନେତାଙ୍କ ମଧ୍ୟରେ ଚାଲିଥିବା ଛକାପଞ୍ଝାର ସମାଧାନ ପାଇଁ ବଦଳିଛି ମନ୍ତ୍ରିମଣ୍ଡଳ । ନୂଆ ମନ୍ତ୍ରିମଣ୍ଡଳରେ ଉଭୟ ଅଶୋକ ଗେହଲଟ୍ ଓ ସଚିନ ପାଇଲଟଙ୍କ ଗୋଷ୍ଠୀର ନେତାଙ୍କୁ ସାମିଲ କରାଯାଇଛି । ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ୧୫ ଜଣ ମନ୍ତ୍ରୀଙ୍କୁ ଶପଥ ପାଠ କରାଇଛନ୍ତି ରାଜ୍ୟପାଳ । ନୂଆ ମନ୍ତ୍ରୀମଣ୍ଡଳରେ ୧୧ କ୍ୟାବିନେଟ୍ ମନ୍ତ୍ରୀ ରହିଥିବାବେଳେ ୪ଜଣ ରାଜ୍ୟ ପାହ୍ୟା ମନ୍ତ୍ରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ସଚିନ ପାଇଲଟଙ୍କ କ୍ୟାମ୍ପରୁ ୫ ଜଣ ମନ୍ତ୍ରୀ ଶପଥ ପାଠ କରିଥିବା ଜଣାପଡିଛି । ସେହିପରି ଦଳିତ ବର୍ଗରୁ ୪ଜଣଙ୍କୁ ମିଳିଛି ମନ୍ତ୍ରୀ ପଦ ମିଳିଛି । ମନ୍ତ୍ରୀମାନେ ଶପଥ ନେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି ଦଳର ନିଷ୍ପତ୍ତି ସର୍ବମାନ୍ୟ । କିଛି ଦିନ ଧରି ରାଜସ୍ଥାନ ରାଜନୀତିରେ ଅସ୍ଥିରତାର ଝଡ଼ ବହୁଥିଲା । ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଓ ଯୁବନେତା ସଚିନ ପାଇଲଟଙ୍କ ମଧ୍ୟରେ ଦୂରତା ବଢ଼ି ବଢ଼ି ଚାଲିଥିଲା । କାଳେ ମଧ୍ୟପ୍ରଦେଶ ଭଳି ରାଜସ୍ଥାନର ସ୍ଥିତି ସୃଷ୍ଟି ହେବ, ଏହାର ସମାଧାନ ପାଇଁ ତତ୍ପରତା ଦେଖାଇଥିଲେ କଂଗ୍ରେସର ହାଇକମାଣ୍ଡ । ସବୁଠୁ ବଡ଼ ଚ୍ୟାଲେଂଜ ଥିଲା କିପରି ସଚିନ ପାଇଲଟଙ୍କ ଗୋଷ୍ଠୀକୁ ସନ୍ତୁଷ୍ଟ କରାଯିବ । ନିକଟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଦିଲ୍ଲୀ ଯାଇ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିଥିଲେ । ଏହାପରେ ସଚିନ ପାଇଲଟ ମଧ୍ୟ କଂଗ୍ରେସର ଶୀର୍ଷ ନେତାଙ୍କୁ ଭେଟିଥିଲେ । ସୋନିଆ ଗାନ୍ଧୀଙ୍କ ନିଷ୍ପତି କ୍ରମେ ଶନିବାର ଦିନ ସମସ୍ତ ମନ୍ତ୍ରୀ ଇସ୍ତଫା ଦେଇଥିବା ବେଳେ ରବିବାର ଦିନ ନୂଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି । ତେବେ ଦେଖିବାର କଥା କଂଗ୍ରେସ ହାଇକମାଣ୍ଡଙ୍କ ଏହି ଫର୍ମୁଲା, କେତେ କାମ କରୁଛି ।

## ଅନିର୍ଦ୍ଧିଷ୍ଟକାଳ ପାଇଁ ଦିଲ୍ଲୀରେ ବନ୍ଦ ହେଲା ସ୍କୁଲ

ନୂଆଦିଲ୍ଲୀ,୨୧/୧୧: ଦେଶର ରାଜଧାନୀ ଦିଲ୍ଲୀରେ ପ୍ରଦୂଷଣ ଥମିବାର ନାଁ ଧରୁନି । ଶୀତ ବଢ଼ିବା ସହ ଦିଲ୍ଲୀରେ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ଥିବା ସମସ୍ତ ସ୍କୁଲଗୁଡ଼ିକୁ ରାଜ୍ୟ ସରକାର ଅନିର୍ଦ୍ଧିଷ୍ଟ କାଳ ପାଇଁ ଛୁଟି ଘୋଷଣା କରିଛନ୍ତି । ଆଜି ଏ ସମ୍ପର୍କରେ ଦିଲ୍ଲୀର ଶିକ୍ଷା ବିଭାଗ ଘୋଷଣା କରିଛି । ପୂର୍ବରୁ ଦିଲ୍ଲୀ ସରକାର ୭ ଦିନ ପାଇଁ ସ୍କୁଲ ଓ କଲେଜ ବନ୍ଦ କରିଥିଲେ । ଆଜି ଏହି ଅବଧି ଶେଷ ହେଉଥିବା ବେଳେ ଆସନ୍ତାକାଲି ଠାରୁ ସ୍କୁଲ ଖୋଲିବାର ଥିଲା । କିନ୍ତୁ ପ୍ରଦୂଷଣ ସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିବାରୁ ସରକାର ଆଜି ସ୍କୁଲ ଗୁଡ଼ିକୁ ପରବର୍ତ୍ତୀ ନୋଟିସ ଯାଏ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଛି । ସ୍କୁଲ ବନ୍ଦ ରହିଥିଲେ ହେଁ ପିଲାମାନେ ଅନଲାଇନରେ ପାଠ ପଢ଼ିପାରିବେ । ଏଥିପାଇଁ ସବୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବ୍ୟବସ୍ଥା କରିବାକୁ କୁହାଯାଇଛି । ଅନ୍ୟପକ୍ଷରେ ଦିଲ୍ଲୀର ପ୍ରଦୂଷଣ ସ୍ଥିତିକୁ ଦୃଷ୍ଟିରେ



ରଖି ରାଜ୍ୟ ପରିବେଶ ମନ୍ତ୍ରୀ ଗୋପାଲ ରାୟ ଆଜି ବରିଷ୍ଠ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ପୂର୍ବରୁ ପ୍ରଦୂଷଣକୁ କମ କରିବାକୁ ଲାଗିଥିବା କଟକଣାର ଅବଧି ରବିବାର(ଆଜି) ସରୁଛି । ତେଣୁ ଆଉ କ'ଣ କଟକଣା ଲାଗିବ ଓ ସ୍ଥିତିକୁ କେମିତି ନିୟନ୍ତ୍ରଣ କରାଯିବ, ସେ ବିଷୟରେ ବୈଠକରେ ଆଲୋଚନା କରାଯାଉଛି । ଆଜି ସକାଳ ୯ଟା ସୁଦ୍ଧା ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ(ଏକ୍ୟୁଆଇ) ୩୮୨ ରହିଛି । ଶନିବାର ଏହା ୩୭୪ ଥିଲା । ଅର୍ଥାତ ରବିବାର ସ୍ଥିତି ଅଧିକ ଜଟିଳ ହୋଇଛି । ପଡ଼ୋଶୀ ଫରିଦାବାଦରେ ଏକ୍ୟୁଆଇ ୩୪୭, ଗାଜିଆବାଦରେ ୩୪୪, ଗ୍ରେଟର ନୋଏଡାରେ ୩୨୨, ଗୁରୁଗ୍ରାମରେ ୩୪୫ ଓ ନୋଏଡାରେ ଏହା ୩୫୬ ରହିଛି । ପ୍ରଦୂଷଣକୁ ହ୍ରାସ କରିବାକୁ ଦିଲ୍ଲୀ ସରକାର ଅଣଅତ୍ୟାବଶ୍ୟକ ସାମଗ୍ରୀ ଆଣୁଥିବା ଟ୍ରକ୍ ପ୍ରବେଶ ଉପରେ ରୋକ ଲଗାଇଥିଲେ । ସେହିପରି ୨୧ ତାରିଖ ଯାଏ ନିର୍ମାଣ କାମ ମଧ୍ୟ ବନ୍ଦ କରାଯାଇଥିଲା ।

## ଆଉ ଏକ ବିବାଦୀୟ ମନ୍ତବ୍ୟକୁ ନେଇ ମାମଲା ଦାଏର କଲା ଶିଖ୍ ସଙ୍ଗଠନ

ନୂଆଦିଲ୍ଲୀ,୨୧/୧୧: ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ପୁରସ୍କାର ପାଇବା ପରଠୁ କଙ୍ଗନାଙ୍କ ପାଟିରେ ବାଟୁଳି ବାଜୁନି । କେତେବେଳେ କ'ଣ କହୁଛନ୍ତି ଠିକଣା ନାହିଁ । ନିକଟରେ ଦେଶର ସ୍ୱାଧୀନତା ଉପରେ ଓ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇ ବିବାଦରେ ଫଶିଥିବାବେଳେ ଏବେ ପୁଣି ନୂଆ କୃଷି ଆଇନ ଓ ଶିଖ ମାନଙ୍କ ଉପରେ ଆପତ୍ତି ଜନକ ମନ୍ତବ୍ୟ ଦେଇ ଶିଖ ମାନଙ୍କ ଅସନ୍ତୋଷର କାରଣ ହୋଇଛନ୍ତି । ଫଳରେ ତାଙ୍କ ନାଁରେ ଆଉ ଏକ ମାମଲା ରୁଜୁ କରିଛି ଦିଲ୍ଲୀ ଶିଖ୍ ସଙ୍ଗଠନ । ଶୁକ୍ରବାର ପ୍ରଧାନମନ୍ତ୍ରୀ ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିନେବା ପରେ ତୁରନ୍ତ ଏହା ଉପରେ ଟିପ୍ପଣୀ ରଖିଥିଲେ କଙ୍ଗନା ଆଉ ନିଜ ପୋଷ୍ଟରେ ଲେଖିଥିଲେ, ଯଦି ରାସ୍ତାରେ ବସିଥିବା ଲୋକେ ଆଇନ୍ ତିଆରି କରନ୍ତି ଆଉ ତାଙ୍କ ଆଗରେ ସରକାର ମୁଣ୍ଡ ନୁଆଁଇବେ ତେବେ ଏହା ଏକ ଜିହାଦୀ ରାଷ୍ଟ୍ର ବୋଲି କୁହାଯିବ । ▶▶ପୃଷ୍ଠା ୭

## ତିନି କୃଷି ଆଇନ ପ୍ରତ୍ୟାହାର ନେଇ ୨୪ରେ ଲାଗିପାରେ କ୍ୟାବିନେଟ୍ ମୋହର

ନୂଆଦିଲ୍ଲୀ,୨୧/୧୧: ତିନି କୃଷି ଆଇନ ରଦ୍ଦ ହେବା ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିବା ପରେ ଖୁବଶୀଘ୍ର ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ମୁଡରେ ଅଛନ୍ତି ମୋଦୀ ସରକାର । ନଭେମ୍ବର ୨୯ରେ ଶୀତକାଳୀନ ଅଧିବେଶନ ବସିବ । ଏହା ପୂର୍ବରୁ ଆସନ୍ତା ବୁଧବାର କେନ୍ଦ୍ର ସରକାର କ୍ୟାବିନେଟ ବୈଠକରେ କୃଷି ଆଇନ ପ୍ରତ୍ୟାହାର ନେଇ ମୋହର ମାରିବେ ବୋଲି ଜଣାପଡିଛି । ଆଗକୁ ବିଭିନ୍ନ ରାଜ୍ୟରେ ନିର୍ବାଚନ ରହିଛି । ଏହା ପୂର୍ବରୁ ଚାଷୀ ଓ ସରକାରଙ୍କ ମଧ୍ୟରେ ଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚେଷ୍ଟା କରୁଛନ୍ତି ସରକାର । ସେପଟେ ସଂଯୁକ୍ତ କିଷାନ



ମୋର୍ଚ୍ଚା କହିଛି ଆସନ୍ତା ୨୭ ତାରିଖରେ ଆନ୍ଦୋଳନର ଭବିଷ୍ୟତ ଉପରେ ନିଷ୍ପତ୍ତି ନିଆଯିବ । ତାଙ୍କର ମୁଖ୍ୟ ଦାବି ପୂରଣ ହୋଇଥିବାରୁ ଆଶା କରାଯାଉଛି ସେମାନେ ଆନ୍ଦୋଳନରୁ ଓହରିଯିବେ । କିନ୍ତୁ ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି, ବିଦ୍ୟୁତ୍ ବିଲ୍ ଏବଂ ଚାଷୀଙ୍କ ଉପରୁ କେସ ପ୍ରତ୍ୟାହାର ଭଳି ଦାବି ଜାରି ରହିବ । ଆନ୍ଦୋଳନକାରୀ ଚାଷୀ ସଂଗଠନର ନେତା ମାନେ ଆଇନ ପ୍ରତ୍ୟାହାର ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । କିନ୍ତୁ ଅନ୍ୟ ଦାବି ନେଇ କିଭଳି ଆନ୍ଦୋଳନ କରିବେ ତା ଉପରେ ନିଷ୍ପତ୍ତି ନେବେ । ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ବଲବିର ସିଂ ରାଜେୱାଲ କହିଛନ୍ତି, ବାକି ଦାବି ଗୁଡିକ ଉପରେ ପ୍ରଧାନମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖାଯିବ । ଏମଏସପି ନିର୍ଦ୍ଧାରଣ ପାଇଁ କମିଟି, ଏହାର ଅଧିକାର, କେତେ ସମୟ ଭିତରେ ରିପୋର୍ଟ, ଏହାଛଡା ବିଦ୍ୟୁତ ବିଲ୍ ଓ ଚାଷୀଙ୍କ ଉପରୁ କେସ ପ୍ରତ୍ୟାହାରକୁ ନେଇ ଏହି ଚିଠି ଲେଖାଯିବ । ଏହାଛଡା ଲଖିମପୁର ଖେରିରେ ଚାଷୀଙ୍କ ଉପରେ ଗାଡି ଚଢାଇଥିବା ଅଭିଯୁକ୍ତଙ୍କ ବାପା ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବହିଷ୍କାର କରିବାକୁ ଦାବି କରାଯିବ ।

## କୁଆଡ଼େ ଗଲା ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି-

ପୁରୀ,୨୧/୧୧ (ନି.ପ୍ର): କୋଟି ଓଡ଼ିଆଙ୍କ ମଉଡ଼ମଣୀ ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ । ଏବେ ସେହି ମହାପ୍ରଭୁଙ୍କ ରତ୍ନଭଣ୍ଡା ଚାବି ହଜିବାକୁ ନେଇ ସୃଷ୍ଟି ହୋଇଛି ଗୋଳମାଳିଆ ପରିସ୍ଥିତି । ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି କେଉଁଠି ରହିଛି ? ସତରେ କଣ ହଜିଯାଇଛି ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ? ନା ପୁରୀ ପ୍ରଶାସନ ପାଖରେ ରହିଛି ? ଯାହାକୁ ନେଇ ବଢୁଛି ଭକ୍ତଙ୍କ ମନରେ ସନ୍ଦେହ ଓ ସେବାୟତଙ୍କ ସଂଶୟ । ଦୁଇଦିନ ତଳେ ସୂଚନା ଅଧିକାର ଆଇନ୍ ?(ଆରଟିଆଇ)ରେ ମିଳିଥିବା ତଥ୍ୟ ଅନୁସାରେ ୧୯୭୦ ମସିହା ପରଠୁ ପୁରୀ ଜିଲ୍ଲା କୋଷାଗାରରେ ଆଉ



ରତ୍ନଭଣ୍ଡାର ଚାବି ଜମା ହୋଇନାହିଁ । ଖୋଦ୍ ଟ୍ରେଜେରୀ ଅଫିସର ୨୦୧୮ ଏପ୍ରିଲ୍ ୪ ତାରିଖରେ ତତ୍କାଳୀନ ପୁରୀ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ । ଏହା ପରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବିକୁ ନେଇ ସୃଷ୍ଟି ହୋଇଛି ଗୋଳମାଳିଆ ପରିସ୍ଥିତି । ଗୋଳମାଳିଆ ପରିସ୍ଥିତି ଏହିଥିପାଇଁ- ଯଦି ଟ୍ରେଜେରୀ ଅଫିସରଙ୍କ କଥା ସତ ହୋଇଥାଏ, ତାହାହାଲେ ▶▶ପୃଷ୍ଠା ୭

## ଗୌହାଟି ଏବଂ ମେଘାଳୟରେ ବିଭିନ୍ନ ଭିତ୍ତିଭୂମିର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

ଗୌହାଟି,୨୧/୧୧ (ନି.ପ୍ର): ପୂର୍ବୋତର ରାଜ୍ୟକୁ ସବୁଜ ଉର୍ଜା ବିକାଶର କେନ୍ଦ୍ର କରିବା ପାଇଁ ନବସୃଜନ ତଥା ଜୈବ ବିବିଧତା ଆଧାରିତ ଗବେଷଣାର ଲାଭ ଉଠାଇବାକୁ ଆଇଆଇଟି ଗୌହାଟିକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରବିବାର ଆଇଆଇଟି ଗୌହାଟିରେ



ଅତ୍ୟାଧୁନିକ ନାନୋ ଉଦ୍ୟୋଗିକ କେନ୍ଦ୍ର(ସିଏନଟି) ତଥା ଭାରତୀୟ ଜ୍ଞାନ ପଦ୍ଧତି କେନ୍ଦ୍ର(ସିଆଇକେଏସ) ସମେତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପାଇଁ ବିଭିନ୍ନ ଭିତିଭୂମି ସୁବିଧାର ଲୋକାର୍ପଣ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ପ୍ରାଧ୍ୟାପକଙ୍କୁ ▶▶ପୃଷ୍ଠା ୭

## ମୃତ ଚାଷୀଙ୍କ ପରିବାରକୁ ୩ ଲକ୍ଷ ଟଙ୍କାର କ୍ଷତିପୂରଣ ଘୋଷଣା କଲେ ତେଲେଙ୍ଗାନା ସରକାର

ନୂଆଦିଲ୍ଲୀ,୨୧/୧୧: ଦୀର୍ଘ ଦିନ ଦେଶବ୍ୟାପୀ ଚାଷୀ ଆନ୍ଦୋଳନ ପରେ ବଦଳିଛି ଚାଷୀଙ୍କ ସ୍ୱର । ନୂଆ କୃଷି ନିୟମକୁ ପ୍ରତ୍ୟାହାର କରିନେବାକୁ ପ୍ରଧାନମନ୍ତ୍ରୀ ଘୋଷଣା କରିବା ପରେ ଏବେ ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଘୋଷଣା ହୋଇଛି । ଆନ୍ଦୋଳନ ସମୟରେ ପ୍ରାଣ ହରାଇଥିବା ଚାଷୀଙ୍କ ପରିବାରକୁ ୩ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି ତେଲେଙ୍ଗାନା ସରକାର । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଓ ଟିଆରଏସ ଅଧ୍ୟକ୍ଷ ଚନ୍ଦ୍ରଶେଖର ରାଓ କହିଛନ୍ତି ଯେ, ' ଆନ୍ଦୋଳନ ମଧ୍ୟରେ ପ୍ରାଣ ହରାଇଥିବା କୃଷକଙ୍କ ତେଲେଙ୍ଗାନା ସରକାରଙ୍କ ପକ୍ଷରୁ ୩



ଲକ୍ଷ ଲେଖାଏଁ ସହାୟତା ରାଶି ଦିଆଯିବ । ଏହାସହ କେନ୍ଦ୍ର ସରକାର ମଧ୍ୟ ମୃତ ଚାଷୀଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବା ଉଚିତ' । କେବଳ ଏତିକି ନୁହେଁ ଆନ୍ଦୋଳନ ସମୟରେ ଚାଷୀଙ୍କ ଉପରେ ଦାଏର ହୋଇଥିବା ମାମଲାକୁ ମଧ୍ୟ ଯଥାଶିଘ୍ର ପ୍ରତ୍ୟାହାର କରିନିଆଯାଉ । ଏହାଦ୍ୱାରା କୃଷକଙ୍କ ପରିବାର ଆଶ୍ୱସ୍ତ ହେବେ ବୋଲି ▶▶ପୃଷ୍ଠା ୭

## ବାଲେଶ୍ୱରରେ ହରେକୃଷ୍ଣ ମହତାବ ଜୟନ୍ତୀ




ବାଲେଶ୍ୱର,୨୧/୧୧ (ନି.ପ୍ର): ବାଲେଶ୍ୱର ପୂଜ୍ୟପୂଜା ସଂସଦ, ଡ.ହରେକୃଷ୍ଣ ମହତାବ ସ୍ମୃତି କମିଟି ଓ ସମ୍ମିଳତ ସାମ୍ବାଦିକ ସଂଘର ମିଳିତ ସହଯୋଗରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ମହାନ ଜନନାୟକ ଡ. ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲା ନାରୀ ସଂଘ ଶିଶୁ ପାଠାଗାର ପରିସରରେ ଆୟୋଜିତ ସମାରୋହକୁ ବରିଷ୍ଠ ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ ଉଦଘାଟନ କରିଥିଲେ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ନେତୃତ୍ୱ ନେବା ସାଙ୍ଗକୁ ନବ ଉତ୍କଳ ଗଠନରେ ତାଙ୍କର ଅବଦାନ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ସେ ମତ ଦେଇଥିଲେ । ସାହିତ୍ୟିକ ତଥା ଶିକ୍ଷାବିତ ଡ.ହରିଶ୍ଚନ୍ଦ୍ର ବେହେରା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡ. ମହତାବଙ୍କ କାର୍ଯ୍ୟଧାରା ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଜଣେ ମହାନୁଭବୀ ଅତିମାନବ ଭାବେ ତାଙ୍କର କାର୍ଯ୍ୟଧାରା ଓ ସମାଜସେବା ଯୋଗୁଁ ସେ ଚିରସ୍ମରଣୀୟ ହୋଇପାରିଛନ୍ତି ବୋଲି କହିଥିଲେ । ଧ୍ୱନିପ୍ରତିଧ୍ୱନି ଖବର କାଗଜର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରେମୁଣା ସାହିତ୍ୟ ସଂସଦର ସଭାପତି ଡ. ଭାଗବତ ପ୍ରସାଦ ଦାସ, ସମ୍ମିଳିତ ସାମ୍ବାଦିକ ସଙ୍ଗଠନର ରାଜ୍ୟ ସମ୍ପାଦକ ତପନ ମହାରଣା ଶର୍ମା, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା, ପ୍ରଫେସର ଶତ୍ରୁଘ୍ନ ମଲିକ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଞ୍ଜନ ବାଗ, ରତିକାନ୍ତ ପାତ୍ର, ଦେବବ୍ରତ ପାଣିଗ୍ରାହୀ, କବି ଅଭୟ ଦାସ, ଆଇନଜୀବୀ ସୁଧାଂଶୁ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅପର୍ଣ୍ଣା କର, ଭାବଗ୍ରାହୀ ମହାନ୍ତି, ଅଞ୍ଜଳି ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅପର୍ଣ୍ଣା ମହାପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ୟାସ ମୂଲ୍ୟବୃଦ୍ଧିକୁ ଯଥାର୍ଥତା ଦର୍ଶାଇବା ବିଜେପିକୁ ମହଙ୍ଗା ପଡିବ: ବିଜେଡି

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ବିଜେପି ମୁଖପାତ୍ର ଲେଖାଶ୍ରୀ ସାମନ୍ତସିଂହାର ନିୟମିତ ଭାବେ ମିଥ୍ୟା ଏବଂ ମନଗଢା ବିବୃତ୍ତି ଜାରି ରଖିଥିବା କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀ ଲେନିନ ମହାନ୍ତି । ବିଜେପି ମୁଖପାତ୍ର ଶ୍ରୀମତୀ ସାମନ୍ତସିଂହାରଙ୍କୁ ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ ଆର୍ନ୍ତଜାତୀୟ ବଜାରରେ ୨୦୧୪ ଫେବୃଆରୀରେ ପ୍ରାକୃତିକ ଗ୍ୟାସର ଦର ପ୍ରତି ମିଲିୟନ୍ ବିଟିୟୁ (ବ୍ରିଟିଶ୍ ଥର୍ମାଲ୍ ୟୁନିଟ୍) ପ୍ରତି ୬ ଆମେରିକୀୟ ଡଲାର ଥିଲା ଏବଂ ଆଜି ଏହା ୫.୦୮ ଆମେରିକୀୟ ଡଲାର ରହିଛି ଯାହା ୧୫% ରୁ ଅଧିକ ହ୍ରାସ ପାଇଛି । ତେବେ, ଫେବୃଆରୀ ୨୦୧୪ ରେ ଲୋକେ ରନ୍ଧନ ଗ୍ୟାସ ▶▶ପୃଷ୍ଠା ୭

## ଚୋରି ହେବାର ୨୪ଘଣ୍ଟା ପରେ ଶିଶୁକନ୍ୟା ଉଦ୍ଧାର

ଭୁବନେଶ୍ୱର,୨୧/୧୧(ନି.ପ୍ର): ଉଦ୍ଧାର ହୋଇଛି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଚୋରୀ ଶିଶୁ କନ୍ୟା । ଅର୍ଜୁନପୁର ଜଙ୍ଗଲରୁ ଶିଶୁକନ୍ୟା ଉଦ୍ଧାର କରି ହସ୍ପିଟାଲ ଆଣିଲା ପୁଲିସ । ସୂଚନା ଅନୁସାରେ ଗତକାଲି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡରୁ ନବଜାତ ଶିଶୁ ଚୋରୀ ହୋଇଥିବା ଅଭିଯୋଗ ହୋଇଥିଲା । ଚୋରି ହେବାର ୨୪ଘଂଟା ପରେ ଶିଶୁକନ୍ୟା ଉଦ୍ଧାର । ଚିକିତ୍ସାଳୟରୁ ହୋଇଥିଲା ଚୋରି, ଜଙ୍ଗଲରୁ ହେଲା ଉଦ୍ଧାର । ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପିଲା ଚୋରି ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହେବା ପରେ, ଆଜି ଶିଶୁ କନ୍ୟାକୁ ଏକ ଜଙ୍ଗଲରୁ ଉଦ୍ଧାର କରାଯାଇଛି । ଚୋରି ହେବାର ପ୍ରାୟ ୨୪ ଘଂଟା ପରେ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି । ନବଜାତକର ସ୍ୱାସ୍ଥ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ଥିର ଥିବା ସୂଚନା ମିଳିଛି । ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ୱାର୍ଡରୁ ନବଜାତ ଶିଶୁ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ବୀରମହାରାଜପୁର ଉପଖଣ୍ଡ ଷଣ୍ଢା ଗାଁର ଗଜେନ୍ଦ୍ର ତାଣ୍ଡିଙ୍କ ପତ୍ନୀ ସନ୍ତୋଷିନୀ ତାଣ୍ଡି ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଥିଲେ । ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଶଯ୍ୟା ଅଭାବରୁ ମା ଓ ଶିଶୁ ଉଭୟ ୱାର୍ଡର ବାରଣ୍ଡାରେ ଆଶ୍ରୟ ନେଇ ଚିକିତ୍ସିତ ହେଉଥିଲେ । ▶▶ପୃଷ୍ଠା ୭

# ୩ କଳା କୃଷି ଆଇନ୍ ପ୍ରତ୍ୟାହୃତ : ସଂଯୁକ୍ତ କୃଷକ ମୋର୍ଚ୍ଚାର ବିଜୟ ଯାତ୍ରା

ଜଳେଶ୍ୱର ,୨୧/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ୩ଟି କଳାଆଇନ୍ ବିରେଧରେ ଦିଲ୍ଲୀ ସୀମାରେ ହଜାର ହଜାର ଚାଷୀ ପ୍ରାୟ ୧ବର୍ଷ ଧରି ଐତିହାସିକ ଓ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିଲେ । ବିଭିନ୍ନ ସମୟରେ କେନ୍ଦ୍ର ସରକାର ଚାଷୀମାନଙ୍କ ନ୍ୟାର୍ଯ୍ୟ ଅଧିକାରକୁ ଅମାନ୍ୟ କରି ସେମାନଙ୍କ ଉପରେ ଅତ୍ୟାଚାର କରିଥିଲେ । କିନ୍ତୁ ଆଇନ୍ ପ୍ରତ୍ୟାହାର ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି କୃଷକମାନେ ଜବାବ୍ ଦେଇଚାଲିଥିଲେ । କିନ୍ତୁ ଗତକାଲି ଶୁକ୍ରବାର କେନ୍ଦ୍ର ସରକାର ଆନ୍ଦୋଳନକାରୀଙ୍କ ନିକଟରେ ସାଲିସ୍ କରି ୩ କଳା ଆଇନ୍‌କୁ ପ୍ରତ୍ୟାହାର କରିନେଇଛନ୍ତି । ମାତ୍ର ଯେଉଁମାନେ ସହିଦ୍ ହୋଇଛନ୍ତି ସେମାନଙ୍କୁ ନ୍ୟାୟ ଦେବା ଓ ଏମ୍ଏସ୍‌ପିକୁ ଆଇନ୍‌ରେ ପରିଣତ କରିବା ତଥା ୨୦୨୦ ବିଦ୍ୟୁତ୍ ଆଇନ୍ ପ୍ରତ୍ୟାହର ନ ହେବାଯାଏ ଆନ୍ଦୋଳନ ଚାଲିବ ବୋଲି ସୂଚନା ଦିଆଯାଇଛି । ତଥାପି ୩ଟି କଳା ଆଇନ୍ ପ୍ରତ୍ୟାହାର ହୋଇଥିବାରୁ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଛି । ଏକ ଶୋଭାଯାତ୍ରାପରେ ବାଲେଶ୍ୱର ଜିଲାର ଜଳେଶ୍ୱର ବସ୍‌ଷ୍ଟାଣ୍ଡ ଠାରେ ଅନୁଷ୍ଠିତ ସଭାରେ ଦିଲ୍ଲିପ କୁମାର ଗିରି ସଭାପତିତ୍ୱ କରିଥିଲେ । ଏଥିରେ ସିତାଂଶୁ ସେନାପତି, ଜିତାଂଶୁ ନନ୍ଦି, ରତନ ଦାସ, ପଲ୍ଟୁ ଦାସ, ଜୀବନ ପରିଡା, ଜତିନ୍ ଜେନା, ରବିନ୍ଦ୍ର ବାରିକ, ପୂର୍ଣ୍ଣ ସିଂ, ଗଣେଶ ଭୂୟାଁ, ଗଣେଶ ପାତ୍ର, ଲକ୍ଷ୍ମିଧର ପଲେଇ, ଚନ୍ଦନ ଶତପଥି, ମଦନ ମାହାଲି, ରାଜକୁମାର ଆଚାର୍ଯ୍ୟ, ସନାତନ ନନ୍ଦି, ବରେନ୍ଦ୍ର ନନ୍ଦି, ରାଜେଶ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଡିଆରସିଏସ ଅଫିସକୁ ଘେରାଉ କଲେ ଜିଲ୍ଲା ଲାମ୍ପସ କର୍ମଚାରୀ ସଂଘ

ଜୟପୁର,୨୧/୧୧ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପସ୍ କର୍ମଚାରି ସଂଘ ଓ ଓଡିଶା ସମବାୟ କର୍ମଚାରି ମହାସଂଘ ତରଫରୁ ୫ ଦଫା ଦାବି ନେଇ ଜୟପୁର ସ୍ଥିତ ଡିଆରସିଏସ ଅଫିସ ସମ୍ମୁଖରେ ଧାରଣା ବିକ୍ଷୋଭ ଦିଆଯାଇଛି । ଅବିଭକ୍ତ କୋରାପୁଟ ଜିଲାର ୫୫ଟି ଲ୍ୟାମ୍ପସର କର୍ମଚାରୀ ମାନେ ଧାରଣାରେ ବସିଛନ୍ତି । ସାଧାରଣ ସମ୍ପାଦକ ଦିଗାମ୍ବର ନାୟକଙ୍କ ନେତୃତ୍ୱରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଦାବୀ ପୁରଣ କରାନଗଲେ କାଯ୍ୟ ବନ୍ଦ ଓ ତାଲା ବନ୍ଦ ନେଇ ନିଷ୍ପତି ହୋଇଛି । ଆସନ୍ତା ୨୨ ତାରିଖ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଠାରେ ଧାରଣା ଓ ପ୍ରତିବାଦ ପାଇ ନିଷ୍ପତି ହୋଇଛି । ଏନେଇ ସଂଘ ତରଫରୁ ଉପନିବନ୍ଧକ ସମବାୟ ସମିତି ସମୂହ ଜୟପୁର ରାୟଗଡା , ଜିଲାପାଳ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ଙ୍କୁ ସୁଚନା ଦିଆଯାଇଛି । କର୍ମଚାରି ମାନେ ଋଣ କାରବାର ଠାରୁ ଆରମ୍ଭ କରି ବିହନ ବିକ୍ରୟ, ସାର ପୋକ ମରା ଔଷଧ, କୃଷି ଜାତୀୟ ସାମଗ୍ରୀ ସୁଲଭ ମୁଲ୍ୟରେ ଚାଷି ମାନଙ୍କୁ ପ୍ରଦାନ କରାଯାଇ ଥାଏ । ଓ ସେମାନଙ୍କ ଠାରୁ ଧାନ କ୍ରୟ କରିବା ଠାରୁ ଆରମ୍ଭ କରି ମକା, ମାଣ୍ଡିଆ, ଚିନାବାଦାମ, ହଳଦି, ତେନ୍ତୁଳି ସମିତି ଜରିଆରେ ସରକାରଙ୍କ ନିର୍ଦ୍ଧାରିତ ମୁଲ୍ୟ ରେ କ୍ରୟ କରାଯାଏ । ଆଜିକୁ ଦୀର୍ଘ ୨୦ ବର୍ଷରୁ ଅଧିକ କାଯ୍ୟ କରୁଥିବା ଜଣେ କାଯ୍ୟ ନିବାହୀ ଅଧିକାରିଙ୍କୁ ସରକାରି କର୍ମଚାରି ଘୋଷଣା କରିବା ପରିବତେ ସରକାର ତରବରିଆ ଭାବରେ ଗତ ୩୦.୯.୨୧ ତାରିଖ ରେ ୨୭୦୮ ସେବା ସମବାୟ ସମିତି ଓ ଲ୍ୟାମ୍ପରେ ମୁଖ୍ୟ କାଯ୍ୟନିବାହୀ ନିଯୁକ୍ତି ପ୍ରସ୍ତାବକୁ ମହାସଂଘ ତରଫରୁ ଘୋର ବିରୋଧ କରିବା ସଙ୍ଗେ ସଙ୍ଗେ ପ୍ରସ୍ତାବ କୁ ରଦ୍ଧ କରିବାକୁ ଦାବୀ କରାଯାଇଛି । ସମବାୟ ସମିତି ରେ କାଯ୍ୟ କରୁଥିବା ମୁଖ୍ୟ କାଯ୍ୟନିବାହୀ ମାନଙ୍କୁ ତୁରନ୍ତ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ସଙ୍ଗେ ସଙ୍ଗେ ମହାସଂଘର ୫ ଦଫା ହେଉଛି ମୁଖ୍ୟ କାଯ୍ୟନିବାହୀ ବଦଳରେ ରାଜ୍ୟ ସରକାର କର୍ମଚାରୀ ଭାବରେ ମାନ୍ୟତା ପ୍ରଦାନ, ସପ୍ତମ ବେତନ କମିଶନଙ୍କ ସୁପାରିଶ ଲାଗୁ କରି ସମବାୟ କର୍ମଚାରିଙ୍କୁ ବେତନ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ଏବଂ ରାଜ୍ୟ ସରକାରଙ୍କ ବର୍ଦ୍ଧିତ ମହଙ୍ଗା ଭତା ପ୍ରଦାନ, ରାଜ୍ୟ ସରକାର ଙ୍କ ଦ୍ୱାରା ପ୍ରକାଶିତ ସମିତି ଓ ଲ୍ୟାମ୍ପସ ପ୍ରଶାସନିକ ପାଣ୍ଠି କାଯ୍ୟକାରି କରାଯାଉ ଲ୍ୟାମ୍ପସ କର୍ମଚାରି କୋଭିଡ ଯୋଦ୍ଧା ଘୋଷଣା କରାଯାଉ, ସମାନ କାମ କୁ ସମାନ ଦରମା ପ୍ରଦାନ କରିବା, ଇପିଏଫ ଲାଗୁ କରିବା, ମୃତ ବ୍ୟକ୍ତିଙ୍କ ପରିବାରର ଜଣକୁ ଚାକିରି ଆଦି ଦାବୀ ପୁରଣ କରାଯାଉ ନଚେତ ଆସନ୍ତା ଓ ସମବାୟ ନିବାଚନ, ରବି ଋଣ କାରବାର, ଧାନ କ୍ରୟ ଓ ସାର ବିହନ ବିକ୍ରି ଠପ କରାଯିବାକୁ ନିଷ୍ପତି ହୋଇଥିବା ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲା ସଭାପତି ଦିଗାମ୍ବର ନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ମିଶ୍ର, ଇସନାଇଲ ସାନଫୁଲ, ଅଭିମନ୍ୟୁ ନାୟକ, ରିତେଶ ମିଶ୍ର, ଉଲ୍ଲାସ ସ୍ୱାଇ, ସନ୍ତୋଷ ଦାସ, ବାବାଲୁ ପଟ୍ଟନାୟକ, ଚନ୍ଦନ ମାଦଳା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ ।

# ଗ୍ରାମୀଣ ଡାକସେବକଙ୍କର ୧୧ ତମ ଦ୍ୱିବାର୍ଷିକ ସମ୍ମିଳନୀ

ଜୟପୁର ,୨୧/୧୧ (ନି.ପ୍ର): ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘର ୧୧ତମ ଦ୍ୱିବାର୍ଷିକ ସମ୍ମିଳନି ଅନୁଷ୍ଠିତ ହୋଇଛି । କୋରାପୁଟ ଡିଭିଜନାଲ ବ୍ରାଂଚ ଜୟପୁର ଦ୍ୱାରା ଆୟୋଜିତ ଏହି ସମ୍ମିଳନି ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ପ୍ରଥମ ଦିବଶ ରେ ୨୩ଟି ସର୍କଲର ସଭାପତି ସମ୍ପାଦକ ମାନେ ଉପସ୍ଥିତ ଥିଲେ । ଏହି ସମ୍ମିଳନିରେ ଦିଲ୍ଲିର କେନ୍ଦ୍ର ସଂଘର କୋଷାଧକ୍ଷ ନାରାୟଣ ଚୌଧୁରୀ, କଳାହାଣ୍ଡି ସର୍କଲ ସମ୍ପାଦକ ଓଡିଶା ସର୍କଲ କଳ୍ପବଟ ପଟ୍ଟନାୟକ, ଛତିଶଗଡର ରାଜେଶ ଗୁରୁଦ୍ୱାନ, ନିମନ୍ତ୍ରଣ ଅତିଥି ଭାବେ ଏଆଇଟିୟୁସିର ଆବାହକ ପ୍ରମୋଦ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସଂଘ ନୁଆଦିଲ୍ଲିର ଉପ ସଭାପତି ପର୍ଶୁରାମ ଦାଶ , ଏଆଇଜିଡିଏସୟୁ ରାୟଗଡା ଡିଭିଜନ ବାଲ ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମିଳନିରେ ଜିଡିଏସ ମାନଙ୍କ ଉପରେ ହୋଉଥିବା ଶୋଷଣ ନୀତି ଓ ସମସ୍ୟା କୁ ନେଇ ଆଲୋଚନା କରାଯାଇଥିଲା ।

# ନୂତନ ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା



ଜଳେଶ୍ୱର ,୨୧/୧୧ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଅନ୍ତର୍ଗତ ଶାଳିକୋଠା ଗ୍ରାମର ସୁଧାଂଶୁ ସେଖର ପ୍ରଧାନଙ୍କ ବାସଭବନରେ ବାବା ଶିରିଡିସାହିଙ୍କର ଏକ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଛି । ଏହାକୁ ଲୋକନାଥ ଧର ପରିଚାଳନା କରିଥିଲେ । ଏଥିରେ କାକ ଆଳତୀ, ବିଗ୍ରହ ପ୍ରତିଷ୍ଠା, ସାଇ ସହସ୍ର ନାମଜପ, ଷୋଡଶ ଉପଚାର ପୂଜାର୍ଚ୍ଚନା, ଶ୍ରୀଗୁରୁ ଭାଗବତ, ସ୍ତବନ ମଂଜରୀ ପଠନ, ହୋମ ଇତ୍ୟାଦି ହୋଇଥିଲା । ଏହି ସମାରୋହରେ ସଂଧ୍ୟାରାଣୀ ପ୍ରଧାନ, ହିମାଂଶୁ ସେଖର ପ୍ରଧାନ, ହେମାଙ୍ଗିନୀ ପ୍ରଧାନ, ଡ. ସୀତାଂଶୁ ସେଖର ପ୍ରଧାନ, ମାନସୀ ପ୍ରଧାନ, ସୁବ୍ରତ ପ୍ରଧାନ, ମଧୁସ୍ମିତା ପ୍ରଧାନ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସଂଧ୍ୟା ସମୟରେ ଶିରିଡିସଇଙ୍କ ପାଲିଙ୍କିଯାତ୍ରା କରାଯଇଥିଲା । ଏହି ଯାତ୍ରାରେ ଅରକ୍ଷିତ ସାହୁ, ଭୂପତି ଭୋଇ, ଇନ୍ଦିରାକାମିଲା, ସଂଯୁକ୍ତା ଭୋଇ, ମୌସୁମି କାମିଳା, ଛବିରାଣୀ ପରିଡା, ଅସ୍ମିତା ଦାସ, ଦୀପ୍ତିରାଣୀ ପରିଡା, ସ୍ମୁତିଜା ପରିଡା ପ୍ରମୁଖ ଭଜନ ସମାରୋହରେ ଯୋଗ ଦେଇଥିଲେ ।

# ବୁଣାକାର ସମବାୟ ସମିତିରେ ନିଯୁକ୍ତି ଦେବା ନାଁରେ ୨ କୋଟି ଟଙ୍କାର ଠକେଇ ଅଭିଯୋଗ

କନ୍ଧମାଳ,୨୧/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ବ୍ଲକ ଅଂଚଳର ଶତାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଠାରୁ ଭୁବନେଶ୍ୱରରୁ ଆସିଥିବା କିଛି ଲୋକ ନିଜକୁ ପ୍ରାଥମିକ ବୁଣାକାର ସମବାୟ ସମିତିର ପରିଚାଳନା ପରିଷଦର ଅଧିକାରୀ କହି ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରତ୍ୟେକ ଗ୍ରୁପ୍ ? ଠାରୁ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି ।ପାଖା ପାଖି ୨୮୦ ଟି ଗ୍ରୁପରୁ ୨ କୋଟି ରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି । ମହିଳାଙ୍କୁ ବୁଣାକାର ସମବାୟ ସମିତିରେ ନିଯୁକ୍ତି ସହ ବିଭିନ୍ନ ସହାୟତା ଯୋଗାଇଦେବେ କହି ଏହିସବୁ ଟଙ୍କା ଠକି ନେଇଛି ଠକ ସଂସ୍ଥା । ଯେଉଁଠି ନିଯୁକ୍ତି ପରେ ମହିଳାଙ୍କ ପିଛା ମାସିକ ଦରମା ୧୧ ହଜାର ସହ ନୂଆ ସ୍କୁଟି,ଶାଢ଼ୀ,ମୋବାଇଲ ଆଦି ଦେବା ନେଇ ମହିଳାଙ୍କୁ ପ୍ରଲୋଭନ ଦେଖେଇଥିଲେ । ଗୋଟିଏ ଗୋଟିଏ ଗ୍ରୁପର ସଭାପତି ଓ ସମ୍ପାଦକଙ୍କ ଠାରୁ ଗ୍ରୁପ ଗଠନ ପାଇଁ ୧୦୦୦ ଟଙ୍କା,ବାଇକର ଇନ୍ସୁରାନ୍ସ ବାବଦକୁ ୧୫ ହଜାର ଟଙ୍କା, ସାର୍ଟିଫିକେଟ ପ୍ରଦାନ ପାଇଁ ୯ ହଜାର ୬ ଶହ ଟଙ୍କା ଓ ପାସବୁକ୍ ? ଖୋଲିବା ପାଇଁ ୧୫ ଶହ ଟଙ୍କା ନେଇଛନ୍ତି ।ଆଉ ଯା ବଦଳରେ ମହିଳାଙ୍କୁ କାମ ଦେବା ନାଁ ରେ ସୂତା ରେ ଗଣ୍ଠି ପକାଇବାକୁ କାମ ଦେଇଥିଲେ ।ଯେଉଁ ଗ୍ରୁପ ଯେତେ ସୂତାରେ ଗଣ୍ଠି ପକାଇବ ସେ ଅନୁଯାଇ ଟଙ୍କା ଦିଆଯିବ । ଆଉ ଯା ବାବଦରେ ମଧ କିଛି ମହିଳାଙ୍କୁ ପ୍ରଥମେ ପ୍ରଥମେ ମାସିକ ଟଙ୍କା ମଧ ଦେଇଥିଲା ଠକ ସଂସ୍ଥା ।ତେବେ ଧୀରେ ଧୀରେ ମହିକାଙ୍କୁ ଏଭଳି ପ୍ରଲୋଭନ ଦେଖାଇ ଗୋଟିଏ ପରେ ଗୋଟିଏ ମହିଳା ଗ୍ରୁପକୁ ଫାସରେ ପକାଇ ଥିଲା ଠକ ।ତେବେ ମହିଳାଙ୍କ ଠାରୁ ଯେଉଁସବୁ ଟଙ୍କା ଠକି ନେଇଛନ୍ତି । ତାହାର କିଛି ପ୍ରମାଣ ମହିଳା ମାନେ ରଖିନାହାନ୍ତି ।କେବଳ ମହିଳାଙ୍କୁ ଗୋଟିଏ ଗୋଟିଏ ସାର୍ଟିଫିକେଟ ଦିଆଯାଇଛି । ଯାହାର କି କୌଣସି ମୂଲ୍ୟ ହି ନାହିଁ ।କେବଳ ବୁଣାକାର ନାଁରେ ଜାଲ ସାର୍ଟିଫିକେଟ ଦିଆଯାଇଛି ।ଆଉ କିଛି ମହିଳାଙ୍କୁ ମୋବାଇଲ ମଧ ଯୋଗାଇ ଦିଆଯାଇଛି । ଠକ ମହିଳାଙ୍କୁ ଏଭଳି ପ୍ରଲୋଭିତ କରିଛନ୍ତି । ଯେ ମହିଳାମାନେ ନିଜେ ମୋହରା ସାଜି ଭୁବନେଶ୍ୱର ଯାଇ ହାତା ହାତୀ ନଗଦ ସବୁ ଟଙ୍କା ସ୍ତର ସ୍ତର ଅନୁଯାଇ ଠକଙ୍କୁ ଦେଇଛନ୍ତି ।ହେଲେ ଏବେ ସେମାନେ କୌଣସି ଧରା ଛୁଆ ଦେଉନଥିବା ବେଳେ ଠକାମୀର ଶୀକାର ହୋଇଥିବା ମହିଳା ମାନେ ନ୍ୟାୟ ପାଇବା ପାଇଁ ଦାରିଙ୍ଗବାଡ଼ି ଥାନାରେ ଅଭିଯୋଗ କରିବା ସହ ଟଙ୍କା ଠକି ନେଇଥିବା ଠକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# ଗୁପ୍ତେଶ୍ୱର ଜଙ୍ଗଲରେ ବୋମା ନିଷ୍କ୍ରିୟ କଲେ ସୁରକ୍ଷା କର୍ମୀ

ଜୟପୁର,୨୧/୧୧ (ନି.ପ୍ର): ବୈପାରୀଗୁଡା ଥାନା ଅନ୍ତର୍ଗତ ଓଡିଶା ଛତିଶଗଡ ସୀମା ଗୁପ୍ତେଶ୍ୱର ଜଙ୍ଗଲରେ ବମ ନିଷ୍କ୍ରିୟ କଲେ ସୁରକ୍ଷା କର୍ମୀ ।ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ଖଞ୍ଜା ଯାଇଥିବା ଟିଫିନ ବୋମାକୁ ବିଏସଏଫ ଯବାନ ଉଦ୍ଧାର କରିବା ସହ ନିଷ୍କ୍ରିୟ କରିଛନ୍ତି । ବୈପାରୀଗୁଡା ଥାନା ଅନ୍ତର୍ଗତ ରାମଗିରି ପଂଚାୟତର ଗୁପ୍ତେଶ୍ୱର ଜଙ୍ଗଲରେ ବିଏସଏଫ ପକ୍ଷରୁ ସର୍ଚ୍ଚ-ଅପରେସନ ଜାରିରହିଥିବା ବେଳେ ସନ୍ଧାନୀକୁକୁର ସାହାଯ୍ୟରେ ପୂଜାରୀଗୁଡା ଛକ ଯାତ୍ରାନିବାସ ନିକଟ ରାସ୍ତା କଡ଼ରେ ଏକ ଟିଫିନ ବୋମାକୁ ଖଞ୍ଜା ଯାଇଥିବା ଜାଣିବାକୁ ପାଇଥିଲେ ସୁରକ୍ଷା କର୍ମୀକ୍ଷ ବୈପାରୀଗୁଡା ସ୍ଥିତ ୧୫୧ଏନ ବିଏସଏଫ କୋମାଣ୍ଡେଣ୍ଟ ଅଜୟ କୁମାରଙ୍କ ତତ୍ୱାବଧାନରେ ଏହି କଂଟେନେର ବୋମାକୁ ଉଦ୍ଧାର କରିବା ସହ ନିଷ୍କ୍ରିୟ କରିଛନ୍ତି ସ୍ପେସଲ ଅପରେସନ୍ ପାର୍ଟି । ମାଓବାଦୀଙ୍କ ଏକ ବଡ ଚକ୍ରାନ୍ତ କୁସୁରକ୍ଷା କର୍ମୀଙ୍କ ସ୍ପେସଲ ଅପରେସନ୍ ପାର୍ଟିର ଦ୍ୱରା ବିଫଳ କରାଯାଇଥିବକ୍ଷ ଜଣା ପଡିଛି

# କୃଷି ଆଇନ ପ୍ରତ୍ୟହାର ପରେ ଖୁସି ମନାଇଲେ ସଂଯୁକ୍ତ କିଷାନ ମୋର୍ଚ୍ଚା

ମାଲକାନଗିରି ,୨୧/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ପରିଷଦ ସଭା ଗୃହ ଠାରେ ଆଜି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହେଇଯାଇଛି । ଲଗାତର ଭାବରେ ଦେଶର ବିଭିନ୍ନ ପ୍ରାନ୍ତରୁ କୃଷକ ମାନେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନରେ ଦୀର୍ଘ ଦଶମାସ ଧରି କେନ୍ଦ୍ରରେ ମଂଚସିନ ମୋଦୀ ସରକାରଙ୍କ ତରବରିଆ ଭାବେ ପାରିତ କରେଇ ନେଇଥିବା ବିବାଦୀୟ କୃଷି ଆଇନ ବିରୁଦ୍ଧରେ ଦିଲ୍ଲୀର ସଂଯୋଗ ପଥକୁ ଅବରୋଧ କରି ଯେଉଁ ଆନ୍ଦୋଳନ ଚଳେଇଥିଲେ, ତାର ଆଜି ଆଂଶିକ ବିଜୟ ଘଟିଛି । ଆନ୍ଦୋଳନକୁ ବିଭିନ୍ନ ସମୟରେ ଅଗଣତାନ୍ତ୍ରିକ, ମାଓବାଦୀ ଖଲିସ୍ଥାନୀ ତାଲିବାନୀ ମୁଷ୍ଟିମେୟ ଆଦି ଆଖ୍ୟା ଦେଇଥିବା ସ୍ୱୟଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ହଠାତ ଗତକାଲି ସକାଳ ସମୟରେ ଆଗାମୀ ଦିନରେ ଚାରୋଟି ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ଆଖିରେ ଆଗରେ ରଖି ନିଜେ ନାଟକୀୟ ଢଙ୍ଗରେ ଆଇନକୁ ପ୍ରତ୍ୟାହାର କରିବା ସହିତ ଆଗାମୀ ଶୀତକାଳୀନ ଅଧିବେଶନରେ ବିଧିବଦ୍ଧ ଭାବେ ବିଧେୟକ ଆଣି ସମସ୍ୟାର ପୂର୍ଣ୍ଣାଙ୍ଗ ସମାଧାନ କରିବା ପାଇଁ ଘୋଷଣା କରିଥିଲେ । ଯାହା ଦେଶବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ପୂର୍ବରୁ ବିଭିନ୍ନ ସମୟରେ ଦେଶର କୃଷକଙ୍କୁ ବିଶ୍ୱାସକୁ ନନେଇ ଅନେକ କୃଷି ବିରୋଧୀ ଏବଂ ଆଦାନୀଙ୍କ ପରି ପୁଞ୍ଜିପତି ମାନଙ୍କୁ ସୁହେଇଲା ପରି କାର୍ଯ୍ୟକ୍ରମ ଚଳେଇଥିବାରୁ, ଏବେ ମଧ କୃଷକ ନେତାମାନେ ପ୍ରଧାନମନ୍ତ୍ରୀଙ୍କ ଘୋଷଣାକୁ ବିଶ୍ୱାସ କରୁନଥିବା ବକ୍ତବ୍ୟରୁ ସ୍ପଷ୍ଟ ବାରିହେଉଥିଲା । ତେଣୁ କୃଷି ଆଇନକୁ ବାତିଲ କରିବା ସହ କୃଷିଜାତ ପଦାର୍ଥର ସହାୟକ ମୁଲ୍ୟର ଗ୍ୟାରେଂଟି ଏବଂ ୨୦୨୦ ମସିହାରେ ଲାଗୁକରିଥିବା କୃଷକ ବିରୋଧୀ ବିଦ୍ୟୁତ ବିଲ ଆଦି ପ୍ରତ୍ୟାହାର ଦାବୀ ହାସଲ ନହେବା ଯାଏ ଆନ୍ଦୋଳନ ଜାରି ରହିବ ! ଆଜିର ବିଜୟ ଉତ୍ସବ ସାମ୍ବାଦିକ ସମ୍ମିଳନୀରେ ସି ପି ଏମ ର ଜିଲ୍ଲା ସମ୍ପାଦକ ବ୍ରଜ ମାଝୀ, ଆମ ଆଦମୀ ପାର୍ଟିର ଜିଲ୍ଲା ସମ୍ପାଦକ, ଆଦିବାସୀ ମହାସଂଘରୁ ସୋନୁ ଅନୁଗୁଙ୍କ ସହ ବରିଷ୍ଠ ସାମ୍ବାଦିକ କେଶବ ନାୟକ ଆଦି ଯୋଗଦାନ କରିଥିଲେ । ପରେ ପରେ ମାଲକାନଗିରି ଡିଏନକେ ଛକ ଠାରେ ଆନନ୍ଦ ଉଲ୍ଲାସର ସହିତ ପରସ୍ପର ମଧରେ ମିଷ୍ଟାନ୍ନ ବଂଟନ କରିବା ପରେ ବାଣ ଫୁଟାଇ କାର୍ଯ୍ୟକ୍ରମ ଶେଷ କରିଥିଲେ ।

# ଭାରତ ବିକାଶ ପରିଷଦ ତରଫରୁ ନିଶୁଳ୍କ ଚକ୍ଷୁ ଶିବିର

ପୁରୀ,୨୧/୧୧ (ନି.ପ୍ର): ଭାରତ ବିକାଶ ପରିଷଦ, ଶ୍ରୀ ଜଗନ୍ନାଥ ଧାମ ଶାଖା ତରଫରୁ ସ୍ଥାନୀୟ ସେନାପତି ବଗିଚା, ଶ୍ରୀ ମହାବୀର ମନ୍ଦିର ପ୍ରାଙ୍ଗଣରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଭାରତ ବିକାଶ ପରିଷଦର ରାଷ୍ଟ୍ରୀୟ ସଚିବ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଖୁଂଟିଆ, ପ୍ରାନ୍ତୀୟ ସଂଗଠନ ସଚିବ ସୌମେନ୍ଦ୍ର ଦାସ, ଶାଖା ଅଧକ୍ଷ ଶ୍ରୀ ମୁକ୍ତିକାନ୍ତ ଦାସ, ସଚିବ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ମହାବୀର ଉନ୍ନୟନ କମିଟି ଅଧକ୍ଷ ଶରତ ଚନ୍ଦ୍ର ତ୍ରିପାଠୀ, ପ୍ରିୟମ୍ବଦା ଚକ୍ଷୁ ଚିକିତ୍ସାଳୟ ର ଚକ୍ଷୁ ସହାୟକ କିଶୋର ଚନ୍ଦ୍ର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଅନୁଷ୍ଠାନିକ ଉଦ୍ଘା ଟ ନ କରିଥିଲେ । ପ୍ରିୟମ୍ବଦା ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ପୁରୀ ସେନାପତି ବଗିଚା ଅଂଚଳର ଶତାଧିକ ବ୍ୟକ୍ତି ଙ୍କର ଚକ୍ଷୁ ପରୀକ୍ଷା କରାଯାଇ ନିର୍ଦ୍ଧନ ବ୍ୟକ୍ତି ମାନଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯିବା ସହ ସମସ୍ତଙ୍କୁ ଚିକିତ୍ସା ପାଇଁ ପରାମର୍ଶ ପ୍ରଦାନ କରାଯାଇଥିଲା । କିଛି ବ୍ୟକ୍ତି ଙ୍କର ମୋତିଆବିନ୍ଦୁ ଥିବା ଚିହ୍ନଟ ହେବାରେ ପରିଷଦ ତରଫରୁ ଆଗାମୀ ଦିନରେ ଏକ ନିଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି । ପ୍ରାୟତଃ ଲୋକମାନଙ୍କ ର ସମୀପ ଓ ଦୂର ଦୃଷ୍ଟି ଜନିତ ସମସ୍ୟା ପାଇଁ କମ୍ପ୍ୟୁଟର ଦ୍ୱାରା ପରୀକ୍ଷା କରାଯାଇ ଚଷମା ବ୍ୟବହାର କରିବା ନିମନ୍ତେ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ଶ୍ରୀ ରାମ ଚନ୍ଦ୍ର ଦଳାଇ, ସୁପ୍ରିତୀ ରଥ, ନିମାଇଁ ଚରଣ ସାହୁ, ମୀରା ମହାରଣା, ପଦ୍ମ ଲୋଚନ ମହାପାତ୍ର, ଟି ବାନାମ୍ବର ପାତ୍ର, ବୁଦ୍ଧ ଦେବ ମହାପାତ୍ର, କୃଷ୍ଣ ଚନ୍ଦ୍ର ରଥ, ହରିହର ତ୍ରିପାଠୀ, ମୋନାଲିସା ପଟନାୟକ, ରାଜେଶ୍ୱର ମହାରଣା, ଶରତ ଜୟସିଂହ, ପିତାମ୍ବର ମିଶ୍ର, ଶ୍ରୀ ମହାବୀର ଉନ୍ନୟନ କମିଟି ସଦସ୍ୟ ରବି ସାହୁ, ସୁଭାଷ ଚନ୍ଦ୍ର ବରାଳ, ଜୟଦେବ ମହାରଣା, ସଚିଦାନନ୍ଦ ମହାନ୍ତି ଓ ପ୍ରିୟମ୍ବଦା ଚକ୍ଷୁ ଚିକିତ୍ସାଳୟର ବିପଦ ଭଂଜନ ବାରିକ ଆଦି ଚକ୍ଷୁ ସେବା ଶିବିରକୁ ପରିଚାଳନା କରିଥିଲେ ।

# ଫୁଲବାଣୀରେ ଆଦିବାସୀଙ୍କ ବିରାଟ ଶୋଭାଯାତ୍ରା ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କନ୍ଧମାଳ ,୨୧/୧୧ (ନି.ପ୍ର): ଆଜି କନ୍ଧମାଳ କୁଇ ସମାଜ ସମନ୍ୱୟ ସମିତି ତାର ୨୧ ତମ ପ୍ରତିଷ୍ଠା ଦିବସ ଫୁଲବାଣୀରେ ପାଳନ କରିଛି । ଏହି ଅବସରରେ ସମିତି ପକ୍ଷରୁ ଫୁଲବାଣୀରେ ଏକ ବିରାଟ ଶୋଭାଯାତ୍ରା ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାର ଶହ ଶହ ଆଦିବାସୀ ମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି କଲେଜ ଛକ ସ୍ଥିତ ସମିତି କାର୍ଯ୍ୟାଳୟରୁ ବିରାଟ ଶୋଭାଯାତ୍ରାରେ ବାହାରି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ ଏବଂ ସେମାନଙ୍କ ବିଭିନ୍ନ ଦାବୀ ପୂରଣ ନେଇ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ ।ସମିତିର ସମ୍ପାଦକ ଲମ୍ବୋଧର କହଁରଙ୍କ ସମେତ ଅନ୍ୟାନ୍ୟ ବହୁ କର୍ମକର୍ତା ଏବଂ ଜିଲ୍ଲାର ବିଭିନ୍ନ ଅଂଚଳର ବହୁ ଆଦିବାସୀ ନେତା ମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।ତେବେ ସମିତି ପକ୍ଷରୁ ୧୯୯୮ ମସିହାରୁ ସରକାରଙ୍କୁ ୩୪ ଦଫା ଦାବୀ ପୂରଣ ପାଇଁ ପ୍ରତି ବର୍ଷ ସ୍ମାରକ ପତ୍ର ପ୍ରଦାନ କରାଯାଉଥିବା ବେଳେ ସରକାର ସେଥି ମଧରୁ ବହୁ ଦାବୀ ପୂରଣ କରିଥିଲେ ମଧ ଏବେ ମଧ ଅନେକ ଦାବୀ ପୂରଣ ହୋଇନି । ଜିଲ୍ଲାର ଜମିଜମା ମାମଲା,ଜାଲ ଜାତିଗତ ପ୍ରମାଣ ପତ୍ର ସମସ୍ୟା,ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ସରକାର ଜିଲ୍ଲାକୁ ଅଣଦେଖା କରୁଛନ୍ତି । ସେହିଭଳି ବର୍ତମାନ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଜିଲ୍ଲା ପ୍ରଶାସନକୁ ହାତ ବାରିଶି କରି ବହୁ ଜମି ନିଜ କବଳକୁ ନେବାରେ ଲାଗିଛନ୍ତି । ତେଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏଭଳି କାମରୁ ନିଜକୁ ଦୂରେଇ ରଖୁ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି କୁଇ ସମାଜର ନେତା ମାନେ କହିବା ସହିତ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ସ୍ମାରକ ପତ୍ର କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି ।ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ସେମାନଙ୍କ ଦାବୀ ଉପରେ ତର୍ଜମା କରାଯିବ ଏବଂ ଯାହା ତାଙ୍କ ସ୍ତରରେ ସମାଧାନ ହୋଇପାରିବ ତାହା ସେମାନେ କରିବେ ।

# ଲ୍ୟାଣ୍ଡମାଇନ ନିଷ୍କ୍ରିୟ କଲେ ବିଏସଏଫ ଯବାନ

ମାଲକାନାଗିରି,୨୧/୧୧ (ନି.ପ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ପୁଣି ନିଜର ପତିଆରା ଜାହିର କରିବାକୁ ଚେଷ୍ଟା କରିଥିଲେ ମାଓବାଦୀ ! ମାଓବାଦୀଙ୍କ ଏହି ଯୋଜନାକୁ ପଣ୍ଡ କଲେ ବିଏସଏଫ ଯବାନ । ଆଜି ଏପରି ଘଟଣା ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଂଚାୟତର ବାଲିମେଳା ଛକ – ଡାଇକ ୩ ମୁଖ୍ୟ ରାସ୍ତାର ଖଡିକାଝୋଡି ପୋଲ ନିକଟରେ ଥିବା ଏକ ବୃକ୍ଷରେ ବିସ୍ଫୋରକ ଆଇଡି ଖଞ୍ଜା ଯାଇଥିବା ଦେଖିବାକୁ ମିଳିଥିଲା । ଉକ୍ତ ବିସ୍ଫୋରକ ଆଇଡିରୁ ଏକ ବିଦ୍ୟୁତ ତାର କିଛି ଦୂରରେ ଥିବା ଏକ ବ୍ୟାଟେରୀକୁ ସଂଯୋଗ କରାଯିବା ସହ ତାରଟି ଘଂଚ ଜଙ୍ଗଲ ମଧକୁ ଲମ୍ବିଥିବା ଦେଖିବାକୁ ମିଳିଥିଲା । ମିଳିଥିବା ସୂଚନାନୁଯାୟୀ ଆଜି ସକାଳ ପ୍ରାୟ ୧୦ ଘଂଟିକା ସମୟରେ ଚିତାପାରୀ - ୩ ଗ୍ରାମରେ ମୃତୟନ ଥିବା ୧୪୪ ବିଏନ ବିଏସଏଫ ବାଟାଲିୟନର ଯବାନ ମାନେ ସର୍ଚ୍ଚ ଅପରେସନ ରେ ଯାଇଥିବା ବେଳେ ମେଟାଲ ଡ଼ିଟେକଟର ସାହାର୍ଯ୍ୟରେ ଏହି ଆଇଡି ଖଞ୍ଜା ଯାଇଥିବା ଦେଖି ଥିଲେ । ପରେ ଏହି ଅଂଚଳକୁ ସିଲ କରିବା ସହ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ମୁଖ୍ୟ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକ ମାନଙ୍କୁ ଅଟକାଇ ଦିଆଯାଇଥିଲା ଏବଂ ବୃକ୍ଷରେ ଲାଗିଥିବା ଆଇଡି ଟିକୁ ନିଷ୍କ୍ରିୟ କରିବା ନିମନ୍ତେ ମାଲକାନଗିରିରୁ ବିଏସଏଫର ଏକ ସ୍ୱତନ୍ତ୍ର ବମ ସ୍କାର୍ଡ ଟିମ କୁ ଡକାଇ ବ୍ୟାଟେରୀ ଓ ବିଦ୍ୟୁତ ତାରକୁ ଜବତ କରାଯିବା ସହ ଉକ୍ତ ଆଇଡି ନିଷ୍କ୍ରିୟ କରିବାରେ ସକ୍ଷମ ହୋଇଥିଲେ ।

# ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷଙ୍କ ବୃହତ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

ପୁରୀ,୨୧/୧୧ (ନି.ପ୍ର): ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ଶ୍ରୀ ସଞ୍ଜୟ କୁମାର ଦାସବର୍ମାଙ୍କ ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟକାରିତାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଛନ୍ତି । ଗଞ୍ଜାମ ଜିଲ୍ଲାର ୫୫ଟି ଗ୍ରାମ ଓ ପୁରୀ ଜିଲ୍ଲାର ଚିଲିକା ପାର୍ଶ୍ୱରେ ଥିବା କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଂଚାୟତର ୯୨ଟି ଗ୍ରାମ ଏହି ପ୍ରକଳ୍ପ ଦ୍ୱରା ଉପକୃତ ହେବେ । ବସୁଧା ଯୋଜନା ମାଧମରେ ଋଷିକୁଲ୍ୟା ନଦୀର କଂସାରୀ ଗଣ୍ଡରୁ ପାଣି ଆଣି ବିଶୁଦ୍ଧ ପିଇବା ପାଣି ଯୋଗାଇବା ନିମନ୍ତେ ଏହି ବୃହତ ପାନୀୟ ଜଳ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କୃଷ୍ଣପ୍ରସାଦ ଠାରେ ପ୍ରାଥମିକତା ଭିତିରେ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପର ଅଗ୍ରଗତି ସଂପର୍କରେ ରାମଲେଙ୍କା, ବକ୍ରକୋଟ, ମାଲୁଦ, ବୁଦ୍ଧିବର, ବଡଅଁଳ, ସିଆଳ, ସିଆଣ୍ଡି, କୃଷ୍ଣପ୍ରସାଦ, ଅଲଣ୍ଡା, ତିତିପ, ଗୋମୁଣ୍ଡିଆ, ବଡଝାଡ, ଚିଲିକା ନୂଆପଡା ଓ ବ୍ରହ୍ମପୁର ପଂଚାୟତର ୯୨ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଚାଲୁଥିବା ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଶ୍ରୀ ଦାସବର୍ମା ସମୀକ୍ଷା କରିଛନ୍ତି । ବଡଅଁଳ, ବଡ ଖଟିଆକୁଦି, କୃଷ୍ଣପ୍ରସାଦର ପାଇକ ସାହି, ସାନଅଁଳ ଓ କୁରୁପାଳ ଗ୍ରାମକୁ ପିଇବା ପାଣି ଯୋଗାଇବା ନିମନ୍ତେ ସୃଷ୍ଟି ସମସ୍ୟାର ତ୍ୱରିତ ସମାଧାନ କରିବା ପାଇଁ ଶ୍ରୀ ଦାସବର୍ମା ପରାମର୍ଶ ଦେଇଛନ୍ତି । ଅଲଣ୍ଡା ଓ ସିଆଣ୍ଡି ପଂଚାୟତର ଅଲଣ୍ଡା ଓ ସିଆଣ୍ଡି ଗ୍ରାମର ପିଇବା ପାଣି ପ୍ରକଳ୍ପ ଶୀଘ୍ର ଶେଷକରି ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ବୈଠକରେ ନିଷ୍ପତି ହୋଇଛି । ଏହି ଅବସରରେ ଶ୍ରୀ ଦାସବର୍ମା ୧୧ଟି ପଂଚାୟତର କ୍ଷେତ୍ର ପରିଦର୍ଶନ କରି ନିର୍ମାଣଧିନ ଥିବା ସମସ୍ତ ଓଭରହେଡ ଟ୍ୟାଙ୍କ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଅନୁଧାନ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧରେ ଶେଷ କରିବାକୁ ବୈଠକରେ ପରାମର୍ଶ ଦେଇଛନ୍ତି । ଉକ୍ତ ପାନୀୟ ଜଳ ପ୍ରକଳ୍ପ କୃଷ୍ଣପ୍ରସାଦର ଉଚ୍ଚାକାଂକ୍ଷୀ ପ୍ରକଳ୍ପ ହୋଇଥିବାରୁ ଓ ପାନୀୟ ଜଳକୁ ନେଇ ଥିବା ଦୀର୍ଘକାଳୀନ ସମସ୍ୟାର ସମାଧାନ ହେବାକୁ ଯାଉଥିବାରୁ ଏହି ପ୍ରକଳ୍ପର ସଫଳତା ନିମନ୍ତେ ଶ୍ରୀ ଦାସବର୍ମା ସମସ୍ତ ନିର୍ବାଚିତ ପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି । ଏହି ବୈଠକରେ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ସର୍ବୋଚ୍ଚଯନ୍ତ୍ରୀ ଶ୍ରୀ ସର୍ବେଶ୍ୱର ବାରିକ, ଉପ ସର୍ବୋଚ୍ଚ ଯନ୍ତ୍ରୀ ଶ୍ରୀ ସର୍ବେଶ୍ୱର ମହାପାତ୍ର, ପୁରୀ ଜିଲ୍ଲା ପାନୀୟ ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଅଭିମନ୍ୟୁ ବାରିକ, ସଂପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜଗନ୍ନାଥ ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନର ସ୍ୱାଗତ ଉତ୍ସବ




ଜଳେଶ୍ୱର ,୨୧/୧୧ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ପୌରପାଳିକାରେ ଅବସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜର ରାଜନିତୀ ବିଜ୍ଞାନର ସ୍ୱାଗତ ଉତ୍ସବ ଆଜି ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷା ଜ୍ୟୋସ୍ନାଘୋଷ ଅଧ୍ୟକ୍ଷତା କରିଥିଲେ । ରାଜନିତୀ ବିଜ୍ଞାନର ମୁଖ୍ୟ ଶ୍ରବଣ କୁମାର ନାଥ ସମୟାନୁବର୍ତ୍ତିତା ପ୍ରତି ଧ୍ୟାନ ରଖି ରାଜନିତୀ ବିଜ୍ଞାନ ସାମ୍ପ୍ରତିକ ସମାଜରେ ପ୍ରତ୍ୟେକ ଛାତ୍ରଛାତ୍ରୀ ହୃଦ୍‌ବୋଧ ହେବା ଉଚିତ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ରଥ, ରଣଜିତ୍ କୁାର ବେହେରା, ଛାତ୍ରଛାତ୍ରୀମାନେ ମାର୍ଜିତ ବ୍ୟବହାର, ଶିକ୍ଷାପ୍ରତି ଆନୁଗତ୍ୟ ତଥା ଦୃଢ ମାନସିକତା ରହିଲେ ସଫଳତା ମିଳିଥାଏ ବୋଲି କହିଥିଲେ । ଏହି ଆଲୋଚନାଚକ୍ରରେ ମାନସ ରଂଜନ ଦାସ, ରଂଜିତା ସାସମଲ, ରୁକ୍‌ମାନା ଖାତୁନ୍, ଦିନବଂଧୁ କାମିଳା, ସୁଷମିତା ଦେ, ଅନ୍ନପୂର୍ଣ୍ଣ ଜେନା, ସୁସ୍ମିତା ମୁଖୀ, ବାସୁଦେବ ଗିରି, ଦିବ୍ୟଜ୍ୟୋତି ରଣା, ଚନ୍ଦନ ମହାନ୍ତି ଓ କବିତା ଦାସ ସ୍ୱାଗତ ଉତ୍ସବରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ଉଷାରାଣୀ ଦାସ, ସରୋଜ ମହାନ୍ତି, ଜ୍ଞାନରଂଜନ ଜେନା, ନିଷ୍ଚଳ କୁମାର ଘଡେଇ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ନଭେମ୍ବର ୨୦୨୧, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚୀନ୍‌ର ଦାଦାଗିରି...

ଆମ ଦେଶର ସୀମାନ୍ତ ରାଜ୍ୟ ଅରୁଣାଚଳ ପ୍ରଦେଶରେ ପଡ଼ୋଶୀ ଚୀନ୍ ତାହାର ଉତ୍ପାତ ବଢ଼ାଇ ଚାଲିଛି । ଭାରତର ଏକ କ୍ଷେତ୍ରକୁ ରୀତିମତ ଦଖଲକୁ ନେଇ ଗୋଟିକ ପରେ ଗୋଟିଏ ବସତି ସ୍ଥାପନ କରିସାରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଯାଇଛି । କିଛି ବର୍ଷ ତଳେ ଚୀନ୍ ଶହେ ଘର ବିଶିଷ୍ଟ ଗ୍ରାମ ସ୍ଥାପନ କରିଥିଲା, ଏବେ ତାହାଠାରୁ ୯୩ କିଲୋମିଟର ଦୂରରେ ଆଉ ଗୋଟିଏ ଷାଠିଏ ଘର ବିଶିଷ୍ଟ ବସତି ସ୍ଥାପନ କରିବା ଜଣାପଡ଼ିବା ପରେ ଭାରତର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି । ପ୍ରକୃତ ନିୟନ୍ତ୍ରଣ ରେଖାଠାରୁ ମାତ୍ର ଛ' କିଲୋମିଟର ଚୀନ୍ ସୀମା ଭିତରେ ଏହି ବସତି ରହିଛି । ଭାରତ ସଂପୃକ୍ତ ଅଞ୍ଚଳକୁ ନିଜର ବୋଲି ଲଗାତାର ଭାବେ ଦାବି କରୁଥିବା ଭିତରେ ଚୀନ୍ ତାହାକୁ ସ୍ୱୀକାର କରୁନଥିଲା । ଏଲ୍ଏସି ନିକଟରେ ଚୀନ୍ ଜବରଦସ୍ତ କେବଳ ନିର୍ମାଣ କାର୍ଯ୍ୟ ଚଳାଇନାହିଁ, ବିଭିନ୍ନ ସାମରିକ ଭିତ୍ତିଭୂମି ପାଇଁ ଆଗେଇ ଯାଉଛି । ଭାରତ ପାଇଁ ଏହି ବଳପୂର୍ବକ ନିର୍ମାଣ କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ଜଣାଇ ଦିଆଯିବା ପରେ ସୁଦ୍ଧା ଚୀନ୍ ଓଲଟି ଏହା ଅନୁପ୍ରବେଶ ନୁହେଁ ବୋଲି ଭୁରୁଡ଼ି ମାରୁଛି । ପ୍ରକୃତ ନିୟନ୍ତ୍ରଣ ରେଖାର ଉତ୍ତର ଦିଗକୁ ଲାଗି କରି ଥିବା ସୀମାନ୍ତ ଭିତରେ ବସତି ସ୍ଥାପନ ସୂଚିତ କରୁଛି କି, ଅରୁଣାଚଳର ଶି-ୟୋମି ଜିଲ୍ଲାର ସୀମାକୁ ଲାଗିକରି ଥିବା ଇଲାକା ସ୍ୱର୍ଶକାତର ହୋଇଉଠିଛି । କେବଳ ସେତିକି ନୁହେଁ, ବସତିର ଘର ଛାତ ଉପରେ ରଙ୍ଗ କରାଯାଇ ଚୀନା ପତାକା ଉଡ଼ାଯାଉଛି । ଉପଗ୍ରହ ଚିତ୍ରରୁ ଯେତିକି ସ୍ପଷ୍ଟ ହେଉଛି ତାହା ହେଲା, ଭାରତର ଭୌଗୋଳିକ ମାନଚିତ୍ରରେ ଯେଉଁ କ୍ଷେତ୍ର ଆମର ବୋଲି ଦର୍ଶାଯାଇଛି, ତାହା ଉପରେ ଆମର ନିୟନ୍ତ୍ରଣ ରହିବା କଥା । ଏପରିକି ସର୍ଭେ ଅଫ୍ ଇଣ୍ଡିଆର ୱେବ୍‌ସାଇଟ୍ ମଧ ବିଶ୍ଳେଷଣପୂର୍ବକ ଜଣାଇ ଦିଆଯାଇଛି କି, ଏହି ଭାରତୀୟ ଇଲାକାର ଅଧୀନ । ବ୍ରହ୍ମପୁତ୍ର ନଦୀ ନିକଟରେ ରହୁଥିବା ଚୀନ୍ ଅଧିବାସୀମାନେ ସମ୍ପୃକ୍ତ ଅଞ୍ଚଳକୁ ଲଗାତାର ଯାତାୟତ କରୁଥାନ୍ତି । ଡୋକ୍ଲାମ ସୀମାନ୍ତରେ ଉଲ୍ଲଙ୍ଘନ ପରେ ଏବେ ଭାରତୀୟ ସୀମାନ୍ତରେ ଅନୁପ୍ରବେଶର ଏହାକୁ ଦୃଶ୍ୟମାନ ଦୃଷ୍ଟାନ୍ତ ବୋଲି କୂଟନୈତିକ ମହଲ ବିଚାର କରୁଛନ୍ତି । ଗତ ଜୁଲାଇରେ ଚୀନ୍ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ ବିବାଦୀୟ କ୍ଷେତ୍ର ପରିଦର୍ଶନପୂର୍ବକ ଚାଲିଥିବା ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲା । ଏପରିକି ବିବାଦକୁ ଚାଲିଆସିଥିବା ଅଞ୍ଚଳକୁ ଚୀନ୍ ସରକାର ମିଲିନ୍ କାଉଟି ଓ କିଓଙ୍ଗଲିନ୍ ନାମରେ ନାମିତ କରାଯାଇଥିଲା । ଏହା ସିଧାସଳଖ ଭାରତର ଆଞ୍ଚଳିକ ଅଖଣ୍ଡତା ଉପରେ କୁଠାରାଘାତ ରୂପେ ପରିଗଣିତ ହେଉଛି । ପୂର୍ବ ଲଦାଖ ସମେତ ଚୀନ୍ ସୀମାନ୍ତକୁ ଲାଗି କରି ଥିବା ଅଞ୍ଚଳରେ ଏହା ପ୍ରଥମ ଅନୁପ୍ରବେଶମୂଳକ କାର୍ଯ୍ୟର ପ୍ରଥମ ନୁହେଁ । ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ସକାଶେ ଭାରତ ପକ୍ଷରୁ ଅନେକ ବାର ଉଦ୍ୟମ ହୋଇଛି । ବାରମ୍ବାର ବସିଛି କମାଣ୍ଡର ସ୍ତର ବୈଠକ । ମାତ୍ର ପ୍ରତିପକ୍ଷର ଜିଦ୍ ଓ ବିତଣ୍ଡା ଯୁକ୍ତି ସମାଧାନ ଉଦ୍ୟମରେ ଥଣ୍ଡାପାଣି ଢାଳି ଦେଇଛି । ଭର୍ଚୁଆଲ ବୈଠକରେ ଗୃହୀତ ନିଷ୍ପତ୍ତି ପରେ ଶୀଘ୍ର ଚତୁର୍ଦ୍ଦଶ କମାଣ୍ଡର ସ୍ତର ବୈଠକ ବସିବାର ଯେଉଁ ସୂଚନା ରହିଛି, ସେଥିରୁ କ'ଣ ସୁଫଳ ମିଳିବ, କୁହାଯାଇ ପାରୁନାହିଁ । ଏତିକି ହୋଇଛି, ଶାନ୍ତିପୂର୍ଣ୍ଣ ସେନା ପ୍ରତ୍ୟାହାର ପାଇଁ ଯେତିକି ନିଷ୍ପତ୍ତି ହୋଇଥିଲା, ତାହାକୁ ଚୀନ୍ ଅନୁପାଳନ କରିନାହିଁ । ଅଧିକ କଥାବାର୍ତ୍ତା ପ୍ରଗତି ଦୂରର କଥା ହୋଇ ରହି ଅଟକି ଯାଇଛି । ଭାରତ ଓ ଚୀନ୍ ଭିତରେ ରହିଆସିଥିବା ସୀମାନ୍ତ ବିବାଦର ଅତୀତ ପରମ୍ପରା ରହିଆସିଛି । ସେଥିପାଇଁ ଭାରତର ବିସ୍ତୀର୍ଣ୍ଣ ଇଲାକାକୁ ନିଜ ଦଖଲରେ ରଖିଛି । ମୁହଁରେ ମିଠା କଥା କହି ଭିତରେ ଛୁରି ଚଳାଇବା ନୀତିରେ ବିଶ୍ୱାସ ରଖିଥିବା ଚୀନ୍ ତାହାର ବିସ୍ତାରବାଦୀ ନୀତି ଛାଡ଼ିନାହିଁ । କେବଳ ସେତିକି ନୁହେଁ, ଛାଡ଼ିବାକୁ ଚାହୁଁନାହିଁ ମଧ । ଅନ୍ୟ ମହାଶକ୍ତିଙ୍କୁ ଡରାଇ ଥରାଇ ରଖିଥିବା ଚୀନ୍ ଉପରେ ବିଶ୍ୱସ୍ତରରୁ ସେମିତି ଚାପ ନପଡ଼ିଲେ କେବେ ବି ସୁଧୁରିବ ନାହିଁ । ଜାତିସଂଘଠାରୁ ବିଭିନ୍ନ ଫୋରମରେ ସେଥିପାଇଁ ଚୀନ୍ ଉପରେ ଶକ୍ତ ଚାପ ପ୍ରୟୋଗ ଦରକାର । ନଚେତ୍ ଭାରତୀୟ କ୍ଷେତ୍ରକୁ ଲାଗିକରି ଥିବା ଦେଶଗୁଡ଼ିକୁ ଚୀନ୍ ସଖୀକଣ୍ଢେଇ ରୂପେ ବ୍ୟବହାର କରି ଅନ୍ୟମାନଙ୍କୁ ନଚେଇବା ନୀତି ଆପଣାଇ ଚାଲିଥିବ ।



## ଓଡ଼ିଶାର 'କୋଟିଆ'ରେ ଆନ୍ଧ୍ର ଅନୁପ୍ରବେଶ କାହିଁକି ?


ପ୍ରଦୋଷ କୁମାର ଦାସ


ଆମ ରାଜ୍ୟ ଓଡିଶାର କୋରାପୁଟ ଜିଲ୍ଲାର ପଟାଙ୍ଗୀ ବ୍ଲକର ମୋଟ ୧୪ ଟି ଗ୍ରାମପ ।ୟତ ମଧ୍ୟରୁ 'କୋଟିଆ' ଗ୍ରାମ ପ ।ୟତଟି ଅନ୍ୟତମ। ଆମ ରାଜ୍ୟ ପଡୋଶୀ ଆନ୍ଧ୍ର ପ୍ରଦେଶର ସୀମାନ୍ତ ଅଂଚଳ ସଂଲଗ୍ନ ଏହି ଓଡିଆଭାଷୀ 'କୋଟିଆ' ଅଂଚଳରେ ଅନଧିକାର ପ୍ରବେଶ ଓ ଏହାର ଓଡିଆ ୍ୱ ଉପରେ ଆନ୍ଧ୍ରା ପ୍ରଶାସନିକ ସ୍ତରରେ ହସ୍ତକ୍ଷେପ ଜନୀତ ସମସ୍ୟା ଏବେ ଓଡିଶାର ଅସ୍ତି ୍ୱ ଉପରେ ଏକପ୍ରକାର ହନନ ବୋଲି କୁହାଯାଇପାରେ। ସୂଚନାରୁ ପ୍ରକାଶ, ଆମ ଓଡିଶା ଭୂମି ଅଧୀନ କୋଟିଆ ପ ।ୟତ ମୋଟ ୨୮ଟି ରାଜସ୍ୱ ଗ୍ରାମ ଓ ୧୨ଟି ପଡା ଗ୍ରାମ ରହିଛି। ହେଲେ ଆନ୍ଧ୍ର ରାଜ୍ୟର ସୀମାନ୍ତ ସଂଲଗ୍ନ ଓଡିଶା ରାଜ୍ୟର କୋଟିଆ ପ ।ୟତ ଅଧିନ ପ୍ରାୟ ୨୧/୨୨ ଟି ରାଜସ୍ୱ ଗ୍ରାମ ସମେତ ୬ଟି ପଡା ଗ୍ରାମକୁ ନେଇ ଆନ୍ଧ୍ର ପ୍ରଦେଶ ଆମ ରାଜ୍ୟ ସହ ବିବାଦ କରୁଛି। ଏହି ଅଂଚଳ ମଧ୍ୟରେ ଅନଧିକାର ପ୍ରବେଶ କରି ଆନ୍ଧ୍ର ପ୍ରଦେଶ ଗତ ୧୯୬୮ ମସିହାରୁ ତାର ଅସ୍ତି ୍ୱ ଜାହିର କରିବାର ଅପପ୍ରୟାସ ଜାରି ରଖିଛି। କୋଟିଆ ପ ।ୟତର ସଲପଗୁଡା, ଧୂଳିପଦର, ଡୋଲିଆମ୍ବା, କନାଦୋରା, ଫଗୁଣସିନେରୀ, ଫାଟୁସିନେରୀ, ହରମାଣ୍ଡିଙ୍ଗି, ସିଡିବାଲସା, ମହିପାଣି, ଉପରସେମ୍ଳି, ତଳସେମ୍ଳି, ଆରକୁବାଲସା, ନାରେଡି ବାଲସା, ତାଡିବାଲସା, ପନିକି, ବାର୍ଣ୍ଣପାଡୁ, କୋଟିଆ, ଗଞ୍ଜେଇପଦର, ମାଡକାର, ରଣାସିଂ, ସୀମାଗାଡା ଆଦି ରାଜସ୍ୱ ଗ୍ରାମରେ ଆନ୍ଧ୍ର ତାର ବିବାଦୀୟ ସ୍ଥିତି ସୃଷ୍ଟି କରିଛି। ଏତଦ ବ୍ୟତୀତ ଓଡିଶାର ଉକ୍ତ କୋଟିଆ ପ ।ୟତ ଅଧିନ ତଳ ଗଞ୍ଜେଇ ପଦର, କୁରୁଡିପଦର, ଜାନିଗୁଡା, ପାନକୁବାଲାସା, ଟାଙ୍କର ବାଲସା, ଉପରପନିକି ଆଦି ପଡା ଗ୍ରାମ ଉପରେ ଆନ୍ଧ୍ର ତାର ଅଧିକାର ବୋଲି ଲୋଲୁପ ଆଖି ପକାଇଛି।

ସୂଚନାରୁ ପ୍ରକାଶ, ୧ ଅପ୍ରେଲ ୧୯୩୬ ମସିହାରେ ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ଗଠନ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ 'ଓଡିଶା'। ଏହି ସମୟରେ ଇଂରେଜ ଶାସନାଧୀନ ତତ୍କାଳୀନ ମାଡ୍ରାସ ପ୍ରେସିଡେନ୍ସିରୁ ଅବିଭକ୍ତ ଜୟପୁର ଜମିଦାରୀ ସମେତ ଏହା ବାହାରେ ରହିଥିବା ପଟାଂଗୀ ତାଲୁକକୁ ନେଇ ଓଡିଶାର ଅନ୍ୟତମ ଜିଲ୍ଲା ଭାବେ କୋରାପୁଟ ଜିଲ୍ଲା ଗଠିତ ହୋଇଥିଲା। ୧୫ ଅଗଷ୍ଟ ୧୯୪୭ ମସିହାରେ ଆମ ଦେଶ ସ୍ୱାଧୀନ ହୋଇଥିଲା।କେନ୍ଦ୍ର ସରକାରଙ୍କର ତତ୍କାଳୀନ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦୃଢ ପଦକ୍ଷେପ ଫଳରେ ସ୍ୱାଧୀନୋ ର ଭାରତର ସୀମାସରହଦ ମଧ୍ୟରେ ସ୍ୱତନ୍ତ୍ର ରହିଯାଇଥିବା ବିଭିନ୍ନ ଗଡଜାତ ଓ ଜମିଦାରୀ ଉଛେ୍ଦ ପ୍ରକ୍ରିୟା ସଂପର୍ଣ୍ଣ ହୋଇଥିଲା। ଏଥିରେ କୋରାପୁଟ ଜିଲ୍ଲାର ଉପରୋକ୍ତ ପଟାଂଗୀ ତାଲୁକ୍ ଅଂଚଳର କୋଟିଆ ଓ ଏହା ସଂଲଗ୍ନ ବିଭିନ୍ନ ରାଜସ୍ୱ ଗ୍ରାମ ମଧ ଓଡିଶା ସରକାରଙ୍କ ଅଧୀନକୁ ଆସିଥିଲା। ଏହି ସାମିଲ ପରେ ଓଡିଶା ସରକାର ରାଜ୍ୟରେ ସେତେବେଳେ ଓଡିଆଭାଷାଭାଷୀ ଅଂଚଳକୁ ନେଇ ଏକ ନକ୍ସା (ମାନଚିତ୍ର) ପ୍ରକାଶନ କରାଇବାରେ ଉଦାସୀନତା ପ୍ରକାଶ କରିଥିବା ଅଭିଯୋଗ ହୁଏ। ଏଥିପାଇଁ କେଉଁଠି ସମସ୍ୟା ରହିଗଲା, ତାର ଏଯାଏଁ ସମୀକ୍ଷା ହୋଇପାରିନଥିବା ଜଣାଯାଏ।

ଏତଦବ୍ୟତୀତ ଗତ ଜୁଲାଇ ମାସ ୧୯୬୮ ମସିହାରେ ଆନ୍ଧ୍ରର ଏକ ପୋଲିସ ଦଳ କୋଟିଆ ଅଂଚଳ ମଧ୍ୟକୁ ଅନଧିକାର ପ୍ରବେଶ କରିଥିବାରୁ ଓଡିଶାରେ ଉ ଜନା ପ୍ରକାଶ ପାଇଥିଲା। ଏହି ପ୍ରସଂଗକୁ ନେଇ ଉଭୟ ଆନ୍ଧ୍ର ଓ ଓଡିଶା ସରକାରଙ୍କ ବିବାଦକୁ ସେତେବେଳେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରାଳୟ ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ କରାଯାଇଥିଲା। ତେବେ ଏହାର କୌଣସି ଗଠନମୂଳକ ସମାଧାନ ହୋଇ ନପାରିବାରୁ ଶେଷରେ ଓଡିଶା ସରକାର ଏସ ଏଲ ପି ନଂ-୧୦/୧୯୬୮ରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ନିଜ ରାୟରେ ବିଚାର ନସରିବାଯାଏଁ ସ୍ଥିତାବସ୍ଥା ବଜାୟ ରଖିବାକୁ ଉଭୟପକ୍ଷଙ୍କୁ ଆଦେଶ ଦେଇଥିଲେ। ପରବ ୍1 ସମୟରେ ସମ୍ବିଧାନର ବିଧିବ୍ୟବସ୍ଥା ଅନୁଯାୟୀ ଉଭୟ ରାଜ୍ୟ ପାରସ୍ପରିକ ବୁଝାମଣା ସହମତିରେ ଏକ ଉପଯୁକ୍ତ ଫୋରମରେ ଏହାର ସମାଧାନ କରିବାକୁ ମାନ୍ୟବର ଅଦାଲତଙ୍କ ପକ୍ଷରୁ ଆଦେଶ ହୋଇଥିଲା।

ଏ ମଧ୍ୟରେ ଦୀର୍ଘ ବର୍ଷ ବିତିଗଲାଣି। ସମସ୍ୟାର ଆପୋଷ ସମାଧାନ ଦୂରର କଥା, ଓଡିଶା ସୀମାନ୍ତରେ ଆନ୍ଧ୍ର ତାର ଅନୁପ୍ରବେଶ ଜାରିରଖିଛି। ସର୍ବୋଚ୍ଚ ନ୍ୟାୟାଳୟର ଆଦେଶ ଉଲଂଘନ କରି ତତ୍କାଳୀନ କୋଟିଆର ସ୍ଥିତାବସ୍ଥାର ଉଲଂଘନ କରିଚାଲିଛି।

ଆନ୍ଧ୍ର ସରକାରୀ କଳର ଓ ରାଜନୈତିକ ବ୍ୟକ୍ତିବିଶେଷ ଓଡ଼ିଶାର କୋଟିଆ ପ ।ୟତ ର ବିଭିନ୍ନ ରାଜସ୍ୱ ଗ୍ରାମ ମଧ୍ୟରେ ଅନଧିକାର ପ୍ରବେଶ କରି ଆନ୍ଧ୍ର ସରକାରଙ୍କ ପୋଷ୍ଟର ମାରିବା ଓ ଓଡ଼ିଶା ସରକାରଙ୍କ ବିରୁଦ୍ଧରେ ସ୍ଥାନୀୟ ଜନସାଧାରଣ ଙ୍କୁ ଉସକେଇବା ଆଦି ବିଭିନ୍ନ ବେଆଇନ କାର୍ଯ୍ୟ ଅଦ୍ୟାବଧି ଆନ୍ଧ୍ର ଜାରି ରଖିଛି। ଏହା ଉଭୟ ରାଜ୍ୟ ନିଜ ନିଜ ସୀମାନ୍ତ ଅଞ୍ଚଳରେ ପାରସ୍ପରିକ ଶାନ୍ତି ଓ ସହଯୋଗ ସ୍ଥାପନରେ ପ୍ରଶ୍ନବାଚୀ ସୃଷ୍ଟି କରୁଅଛି।

ନିକଟରେ ଆନ୍ଧ୍ରର ମାନ୍ୟବର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡି ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୌଜନ୍ୟମୂଳକ ଭେଟଘାଟ କରିବାକୁ ଓଡିଶା ଆସିଥିଲେ। ଆନ୍ଧ୍ରର କୋଟିଆରେ ଅଯଥା ଛକାପଞ୍ଝା ଓ ଅନଧିକାର ଅନୁପ୍ରବେଶ ପାଇଁ ଓଡିଶାବାସୀଙ୍କ କେନ୍ଦ୍ରୀଭୂତ ଅସନ୍ତୋଷ କିଛି ମାତ୍ରାରେ ପ୍ରଶମିତ ହୋଇ କାଳେ ଉଭୟ ରାଜ୍ୟ ମଧ୍ୟରେ କୋଟିଆ ସମସ୍ୟା ତୁଟି ଯିବକି ବୋଲି ଆଶାର ଆଲୋକ ପରିପ୍ରକାଶ ହୋଇଥିଲା। ହେଲେ ଏଥିରେ କୋଟିଆ ପ୍ରସଂଗରେ ଆନ୍ଧ୍ରର କିପ୍ରକାର ଆଭିମୁଖ୍ୟ ରହିଛି ତଥା ଆନ୍ଧ୍ରର ଓଡିଶା ସୀମାନ୍ତ ଉପରେ ହେଉଥିବା ଅନଧିକାର ଅନୁପ୍ରବେଶ କାହିଁକି ବୋଲି ସାଧାରଣରେ ସୃଷ୍ଟ ପ୍ରଶ୍ନ ବାବଦରେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆବଶ୍ୟକ ଆଲୋଚନା ହୋଇଥିଲାକି ନାହିଁ? ଏବିଷୟରେ ଏଯାଏଁ ସ୍ପଷ୍ଟ ହୋଇପାରିଲା ନାହିଁ। ହେଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡି ଓଡିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କାଳୀନ ଉପସ୍ଥିତି ରହିଥିବାବେଳେ ଆନ୍ଧ୍ର ପ୍ରଦେଶର ସାଲୁର ବିଧାୟକ ପିଡ୍ଡିକା ରାଜନ୍ନା ଦୋରା ଓ ତାଙ୍କର ରାଜନୈତିକ ଏଜେ ଆମ ଓଡିଶାର କୋଟିଆରେ ଉପସ୍ଥିତ ରହି ନିରୀହ କୋଟିଆବାସୀଙ୍କୁ ଭୟଭୀତ ଓ ପ୍ରଲୋଭିତ କରାଇ ଆନ୍ଧ୍ର ପାଇଁ ସମର୍ଥନପତ୍ର ଯୋଗାଡରେ ଲାଗିଥିବା କିଛି ସୋସିଆଲ ମିଡିଆ ଭାଇରାଲରୁ ଜଣାଯାଇଥିବା ପ୍ରକାଶ। ଏହା ଯଦି ସତ୍ୟ, ତେବେ ଏହା ଉପରେ ଓଡିଶା ସରକାର ଆବଶ୍ୟକ ତନାଘନା କରି ଆନ୍ଧ୍ର ବିରୋଧରେ କେନ୍ଦ୍ର ସରକାରଙ୍କ ନିକଟରେ ଫେରାଦ ହେବା ବିଧେୟ।

ନିକଟରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଓଡିଶା ଗସ୍ତରେ ଆସି ଆମ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସହ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ହେଲେ ଏହି ସାକ୍ଷାତ ଆଲୋଚନାରେ ବାସ୍ତବରେ କୋଟିଆକୁ ନେଇ ଆଲୋଚନା ହୋଇଥିଲାକି ନାହିଁ ବୋଲି ବିରୋଧୀଙ୍କ ମଧ୍ୟରେ ଆବଶ୍ୟକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଓଡିଶାରେ ଥିବାବେଳେ ପୋଲିସ ପ୍ରଶାସନ ଓ ସାଧାରଣଙ୍କ ଦୃଷ୍ଟି ଆନ୍ଧ୍ରର କୋଟିଆରେ ଲାଗିରହିଥିବା ଛକାପଞ୍ଝାରୁ ହଟି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ରାଜଧାନୀରେ ଭେଟଘାଟ ଉପରେ କେନ୍ଦ୍ରୀଭୂତ ରହିଯାଇଥିଲା। ଠିକ୍ ସେତିକି ବେଳେ ଆନ୍ଧ୍ର ରାଜ୍ୟର ସାଲୁର ବିଧାୟକ ପିଡିକା ରାଜନ୍ନା ଦୋରା ଓ ତାଙ୍କ ନିୟୋଜିତ ରାଜନୈତିକ ଏଜେ ମାନେ କୋଟିଆ ମଧ୍ୟରେ ପଶି ସ୍ଥାନୀୟ ନିରୀହ ଜନସାଧାରଣଙ୍କୁ ପ୍ରଭାବିତ ଓ ପ୍ରଲୋଭିତ କରାଇ ସେମାନଙ୍କ ଠାରୁ ଆନ୍ଧ୍ର ସରକାରଙ୍କ ସପକ୍ଷରେ ଏକ ସମର୍ଥନପତ୍ରରେ ହସ୍ତାକ୍ଷର ସଂଗ୍ରହରେ ଲାଗିପଡିଥିଲେ ବୋଲି ସୋସିଆଲ ମିଡିଆ ଭାଇରାଲରୁ ଜଣାଯାଇଥିବା ବିରୋଧୀଙ୍କ ଅଭିଯୋଗ ଆସୁଛି। ଏହା ସତ୍ୟ ହୋଇଥିଲେ କେତେ ସଂଗୀନ ବୋଲି ରାଜ୍ୟ ସରକାର ଏହାର ବିଧିବଦ୍ଧ ତନାଘନା କରିବା ନିହାତି ଜରୁରୀ । ଆନ୍ଧ୍ର ସରକାର ନିଜ ପଡୋଶୀ ରାଜ୍ୟ ଓଡିଶା ପ୍ରତି ଏପ୍ରକାର ଦୋମୁହାଁ ନୀତି ଅବଲମ୍ବନ ବିରୋଧରେ ଆମ ଓଡିଶା ସରକାର ଦୃଢ ରହି ଓଡିଶାର ସ୍ୱାଭିମାନ ରକ୍ଷା ପାଇଁ କୋଟିଆ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ନେବା ବାଞ୍ଛନୀୟ।ଫଳରେ କୋଟିଆରେ ଆନ୍ଧ୍ରର ଅନଧିକାର ପ୍ରବେଶକୁ ରୋକାଯାଇ ସେଠାରେ ଓଡିଆ ସ୍ୱାଭିମାନ ପ୍ରତିଷ୍ଠା ହେବା ସମ୍ଭବ ହୋଇପାରିବ। ଏବାଦରେ କୋଟିଆରେ ଜନସାଧାରଣଙ୍କ ମଧ୍ୟରେ ଓଡିଆ ସ୍ୱାଭିମାନର ବିକାଶ ଧାରା ବଜାୟ ରଖାଯାଉ । ସେଠାରେ ଅନୁସୃତ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାର କିଭଳି ସଫଳ ରୁପାୟନ ହେଉଛି, ତାର ପ୍ରଶାସନିକ ସ୍ତରରେ ସମୀକ୍ଷା ହେବା ନିହାତି ଜରୁରୀ। ଦଳମତ ନିର୍ବିଶେଷରେ ସମଗ୍ର ରାଜ୍ୟର ସ୍ୱାଭିମାନୀ ରାଜ୍ୟ ବାସୀ କୋଟିଆ ସୁରକ୍ଷା ପାଇଁ ଏକଜୁଟ ହେବା ଏକାନ୍ତ ଆବଶ୍ୟକ। ଏଠାରେ ସୂଚନାଯୋଗ୍ୟ, ଆମ ରାଜ୍ୟର ଜଣେ ବର୍ଷିଆନ ରାଜନୀତିଜ୍ଞ, ବିଜେପି ର ବରିଷ୍ଠ ନେତା, ପୂର୍ବରୁ ରାଜ୍ୟର ବିଭିନ୍ନ ସରକାରଙ୍କର ମନ୍ତ୍ରୀ ମଣ୍ଡଳରେ ପଦସ୍ଥ ମନ୍ତ୍ରୀ ଭାବେ ବେଶ୍ ଅଭିଜ୍ଞତା ହାସଲ କରି ନିର୍ବିବାଦୀୟ ରହିଥିବା ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ ଏବେ ଆମ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ମାନ୍ୟବର ରାଜ୍ୟପାଳ ଅଟନ୍ତି। ଓଡ଼ିଶା ତଥା ଓଡ଼ିଆଙ୍କର ସ୍ୱାଭିମାନ ରକ୍ଷା ପାଇଁ ଆନ୍ଧ୍ର ରାଜ୍ୟପାଳ ଶ୍ରୀଯୁକ୍ତ ହରିଚନ୍ଦନଙ୍କର ଏଦିଗରେ ଆବଶ୍ୟକ ବୁଝାମଣାର କ୍ଷେତ୍ର ପ୍ରସ୍ତୁତି ପାଇଁ ସମଗ୍ର ଓଡ଼ିଶାବାସୀଙ୍କର ଆଶା ଆକାଂକ୍ଷା ରହିଛି। ଯାହାଙ୍କ ଓଡ଼ିଆ ସ୍ୱାଭିମାନ ଆଗ୍ରହାନ୍ୱିତ ହେଲେ ହୁଏତ ଓଡ଼ିଶା ସୀମାନ୍ତରେ ପଡ଼ୋଶୀ ଆନ୍ଧ୍ରର ଅନଧିକାର ଅନୁପ୍ରବେଶ ରୋକାଯାଇ ଉଭୟ ଓଡ଼ିଶା ଓ ଆନ୍ଧ୍ର ନିଜ ନିଜ ସୀମାନ୍ତରେ ଶାନ୍ତି ବଜାୟ ରଖିପାରନ୍ତେ। ଏଥିରେ ଓଡ଼ିଶାର ସୀମାନ୍ତ ଜନସାଧାରଣ ମଧ ନିଜ ନିଜ ଓଡ଼ିଆ ଅଞ୍ଚଳର ସ୍ୱାଭିମାନ ରକ୍ଷା ନିମନ୍ତେ ବିଶେଷ ଯତ୍ନବାନ ହେବା ଜରୁରୀ।


+ ସା/ପୋ:- ନାଚୁଣୀ, ଜିଲ୍ଲା:-ଖୋରଧା-୭୫୨୦୩୪




## ଜନତା, କୋର୍ଟ, ସରକାର ଏବଂ ମଦ : ଧନ୍ୟବାଦ ଓକିଲ ଅରୁଣ କୁମାର ବୁଢ଼ିଆ


ସୁବ୍ରତ କର


ମାନିବାକୁ ପଡ଼ିବ ଏଡଭୋକେଟ ଅରୁଣ କୁମାର ବୁଢ଼ିଆଙ୍କୁ । ମଦ ହେଉ ବା ଯେ କୌଣସି ନିଶା ନିବାରଣ ପାଇଁ ସେସ ଅତି ନିଷ୍ଠାର ସହିତ ଲଢୁଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ ପ୍ରଥମ ମୁଖ୍ୟମନ୍ତ୍ରୀ ବାବୁ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ପ୍ରାରିତ ୧୯୫୬ ମସିହାର ଆଇନ ଅନୁସାରେ ସାରା ରାଜ୍ୟରେ ମଦ ସଂପୂର୍ଣ୍ଣ ଭାବେ ନିଷେଧ କରାଯିବା କଥା । ଏହି ଆଇନ ଏବେ ମଧ ବଳବତ୍ତର କିନ୍ତୁ କେତେଜଣ ଜାଣିଛନ୍ତି ଆଇନ ଅନୁଯାୟୀ ରାଜ୍ୟରେ ସବୁ ପ୍ରକାର ମଦ ଉତ୍ପାଦନ ଏବଂ ବ୍ୟକ୍ତ ଉପରେ କଟକଣା ରହିବା କଥା । କିନ୍ତୁ ଏବେ ହେଉଛି କଣ ? ସରକାର ଏହି ଆଇନର ଫାଇଲକୁ ଶୀତଳ ଭଣ୍ଡାରରେ ପକେଇ ରଖିଛନ୍ତି ଏବଂ ମଦକୁ ସାଧାରଣ ଜନତାଙ୍କ ପାଖରେ କେମିତି ଅତି ସହଜରେ ପହଞ୍ଚି ପାରିବ ତା'ର ଚେଷ୍ଟା ଚଳାଇଆସିଛନ୍ତି ଏବଂ ପ୍ରତି ବର୍ଷ ହଜାର ହଜାର ଲୋକର ମୃତ୍ୟୁ ବରଣ କରୁଛନ୍ତି ଏବଂ ରାଜ୍ୟର ଥିବା ଏହି ସଂକ୍ରାନ୍ତରେ ଆଇନ କାନୁନର ଧୂର୍ଜା ଉଡ଼େଇ ଚାଲିଛନ୍ତି । ଏଥିରେ କିନ୍ତୁ ସାଧାରଣ ଜନତା ଅଖୁସୀ ହୋଇପାରନ୍ତି କିନ୍ତୁ ସରକାର ଖୁସି । "ଆପଣମାନେ ଖୁସି ତ!, ତେବେ ମୁଁ ମଧ ଖୁସି । ଏସବୁ ୪୦୦୦ କୋଟି ଟଙ୍କା ବିନିମୟରେ । ଏହି ୪୦୦୦ କୋଟି ଟଙ୍କା ପାଇଁ ସରକାରଙ୍କ ଦ୍ୱାରା ପ୍ରାରିତ ଆଇନକୁ ସରକାର ନିଜେ ମାନିବାକୁ ରାଜି ନୁହନ୍ତି । ପ୍ରତିଦିନ ନୂଆ ନୂଆ ଦୋକାନ ଖୋଲୁଛି ଏବଂ ମଦ ପିଇବାକୁ ପରିଣାମ ବଢୁଛି ତା ସାଙ୍ଗରେ ମଦଡ଼ି ମାନଙ୍କ ସଂଖ୍ୟା । ଏବେ ଆସିବା ଆଜିକାର ପ୍ରସଙ୍ଗକୁ । ଅରୁଣ ବାବୁ ମଦକୁ ନିଷେଧ କରିବା ପାଇଁ ଏବଂ ୧୯୫୬ ମସିହାରେ ପ୍ରସ୍ତୁତ ହୋଇଥିବା ଆଇନକୁ ଲାଗୁ କରିବା ପାଇଁ ୨୦୧୩ ମସିହାରେ ହାଇକୋର୍ଟରେ ଏକ ଜନ ହିତକର ବା ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ଏହାର ଉତ୍ତରରେ ସରକାର କୋର୍ଟକୁ ଜଣେଇଥିଲେ ଯେ ଏହା ଉପରେ ସରକାର ପଦକ୍ଷେପ ନେଉଛନ୍ତି । ଏହି ଜବାବ ଅକ୍ଟୋବର ୨୫ ତାରିଖ ଦିନ ସରକାର କୋର୍ଟରେ ରଖିଛନ୍ତି ଏବଂ ଏହା ଉପରେ ଅରୁଣ ବାବୁଙ୍କୁ ଉତ୍ତର ରଖିବା ପାଇଁ କହିଛନ୍ତି । ପରବର୍ତ୍ତୀ ଶୁଣାଣି କୋର୍ଟ ତରଫରୁ ଜାନୁଆରୀ ୧୭ ତାରିଖ ରଖାଯାଇଛି । ଦୁଃଖର କଥା ୨୦୧୩ରେ କରାହୋଇଥିବା କେଶଟି ପଡ଼ି ରହିଥିଲା କାରଣ ସରକାର ଉତ୍ତର ଇଚ୍ଛା ନକରି ଦେଉ ନଥିଲେ ଏବଂ ସତରେ ଦବାର ମଧ କିଛି ନଥିଲା । ଶେଷରେ ୧୫ ସେପ୍ଟେମ୍ବର ତାରିଖ ଦିନ କହିଥିଲ ଯଦି ସରକାରଙ୍କ ପାଖରୁ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଉତ୍ତର ନ ଆସେ ତେବେ ଅବକାରୀ ସଚିବକୁ ଭାରଚୁଏଲ ମୋଡରେ ହାଜିର ହେବାକୁ ନିର୍ଦ୍ଦେଶ ଦିଆ ହୋଇଥିଲା । ସରକାରଙ୍କ ପ୍ରତିନିଧି ଆଉ ସସମୟ ନେବାକୁ ବା ଗଡ଼ାଇ ରଖିବା ପାଇଁ ସାହସ କରି ନଥିଲେ । ବାଧ ହୋଇ ସରକାର ଉତ୍ତର ରଖିଥିଲେ । ଅପେକ୍ଷା କରିବା ଧୈର୍ଯ୍ୟର ସହିତ ୧୭ ଜାନୁଆରୀ ୨୦୨୨କୁ । ଆଶା କରିବା ୧୯୫୬ ମସିହାର ଆଇନ ନିଶ୍ଚିତ ଲାଗୁ ହେବ ଏବଂ ସରକାରଙ୍କୁ ଜନତା ଠିକ୍ ଜବାବ ଦେଇ ପାରି ନାହାନ୍ତି କିନ୍ତୁ ନିଶ୍ଚୟ କୋର୍ଟ ଦେବେ ।






### ଜଳ ଆମ ଜୀବନ


ବେଣୁଧର ସୂତାର


ମେଘ ବରଷଇ ଜଳ
ଚାଷୀ କରୁଥାଇ ହଳ
ଗଛ ଦିଏ ଫୁଲ ଫଳ
ଖାଦ୍ୟରୁ ମିଳଇ ବଳ
ମନଧ୍ୟାନ ଦେଇ ପାଠ ପଢୁଥିଲେ
ମିଳଇ ବାଞ୍ଛିତ ଫଳ ।।
ପାଠରେ ଲଗାଅ ମନ
କାମରେ ଲଗାଅ ଧ୍ୟାନ
ନିଜକୁ ନମଣ ସାନ
ଭକ୍ତି କର ଗୁରୁଜନ
ପାଠପଢି ଭଲ ମଣିଷ ହୋଇବ
ପାଇବରେ ସନମାନ ।।
ବାଡ଼ିରେ ଲଗାଅ ଗଛ
ପରିବେଶ ରଖ ସ୍ୱଚ୍ଛ
କହିବନି କେବେ ମିଛ
କାହାକୁ ନମଣ ତୁଚ୍ଛ
ଜୀବଜଗତର ପରମ ବନ୍ଧୁ ସେ
ସବୁଜ ସୁନ୍ଦର ଗଛ ।।
ପାଣିଭରା ନଈ ନାଳ
ଅସନା କରନା ଜଳ
ଜଳ ଯେ ଜୀବନ ମୂଳ
ଜଳ ରଖ ପରିମଳ
ଜାଣି ଶୁଣି ଜଳ ଅପଚୟ କଲେ
ଭୋଗିବା ବିଷମ ଫଳ ।।
ବୃକ୍ଷ ଯୋଗୁଁ ବର୍ଷା ହୁଏ
ଭୂତଳେ ସଞ୍ଚିତ ରହେ
ବିନ୍ଦୁ ଜଳ ସିନ୍ଧୁ ହୁଏ
ଏକଥା ନଜାଣେ କିଏ
ଜଳ ପାଇଁ ସିନା ଏ ଧୂଳି ଧରଣୀ
ସଶ୍ୟ ଶ୍ୟାମଳା ହୁଏ
ଜଳ ବାୟୁ ବୃକ୍ଷ ପାଇଁ
ଜୀବସତ୍ତା ତିଷ୍ଠି ଥାଇ
ଗଛକୁ ନକାଟ କେହି
ଜଳନଷ୍ଟ କର ନାହିଁ
ବୃକ୍ଷ ଜଳ ୍ୱାୟୁ ସଂରକ୍ଷିତ ହେଲେ
ସୁନ୍ଦର ଦିଶିବ ମହୀ


♥ କେଶଦୁରାପାଳ
କେନ୍ଦୁଝର
(ମୋ)୯୧୭୮୫୬୮୨୪୬


### ସ୍ମୃତିର ସମାଧି


ସୁଧାକର ରାଉତ




ତୁମେ ଗଲାପରେ ମନ ମୟୂରୀ ମୋ
ନାଚେନା ଦେଖି ବାରିଦ
ବିଳପି ଉଠେ ସେ ଗୁମୁରି ଗୁମୁରି
ଘାରିଛି ତାକୁ ବିଷାଦ ।

ଅତୀତର ସପ୍ତରଙ୍ଗୀ ପକ୍ଷ ତାର
ଭୂମିରେ ଲୋଟେ ନୀରବେ
ସଳିତାର ସମ ଜଳେ ନିଶି ଦିନ
ସୁମରଣା କରି ଏବେ ।

ମନପକ୍ଷୀ ମୋର ହଜାଇ ଦେଇଛି
ସପନେ ଉଡ଼ିବା ଭାବ
ପ୍ରତାରଣା ନିଆଁ ଧାସର ଯନ୍ତ୍ରଣା
କେତେ ବା ସିଏ ସହିବ ।

ରୂପ, ରଙ୍ଗ, ରସ ବଦଳି ଗଲାତ
ଛନ୍ଦ ଯାଇଛି ତା ହଜି
ପ୍ରେମ ଛଳନାର ନିଦାଘେ ଜୀବନ
ତନ୍ତ୍ରୀ ଯାଏ ସବୁ ଭିଜି ।

କବିତାର ଶବ୍ଦ ବାହୁନି ଉଠନ୍ତି
ଦେଖି ମୋ ଦୁଃଖ ଜୁଆର
ସାନ୍ତ୍ୱନା ଦିଅନ୍ତି ସହାନୁଭୂତିରେ
ହୋଇଯାଇ ସେ ଅକ୍ଷର ।

ତୁମେ ନାହିଁ ପ୍ରିୟା ନାହିଁ ବୋଲି କାହିଁ
କହିବି କେଉଁ ପ୍ରକାରେ
ଜୀବନର ଛାୟା ଆଲୋକ ସାଥିରେ
ଦେଖା ଯାଏ କି ଅନ୍ଧାର ।

ମୋ ପାଖରେ ଶବ୍ଦମାନେ ସ୍ମୃତି ମୁକ୍ତା
ହୋଇଯାଇ ନିତି ନିତି
ମେ ଗଳାରେ ଶୋଭ ପାଆନ୍ତି ଜଣେଇ
ମୋଠି ତୁମ ଉପସ୍ଥିତି ।

ବେଦନାର ସ୍ୱର ଦୂରେ ଲୁଚିଯାଏ
ହଜିଯାଏ ଅସ୍ତରାଗେ
ବାଙ୍ମୟ ସ୍ମୃତି ମୋ ଅପରିବର୍ତ୍ତିତ
ବିଳପେ ବିରହ ରାଗେ ।


♥ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨


### ପ୍ରେମରେ ଚାରି ଗାଣିତିକ ପ୍ରକ୍ରିୟା


ଡିସମ୍ବର ମେହେର




ଏତ ପ୍ରେମର ରହସ୍ୟ
ପ୍ରୟୋଗ କଲେ ଚାରି ଗାଣିତିକ ପ୍ରକ୍ରିୟା
ପାଇବ ଏହାର ପ୍ରତି ଉତ୍ତର
ସଂଯୋଗରୁ ମିଳେ ଏଠି ଖୁସି
ବିୟୋଗରୁ ପାଇବ ଦୁଃଖ
ପ୍ରେମ ଏଠି ସାଜେ ଗୁଣ୍ୟ
ସଂପର୍କ କରେ ଗୁଣକର ଅଭିନୟ
କୁହ କେତେ ଶକ୍ତ ତମ ଗୁଣଫଳ ?
ତୁମେ କୁହ ମୋ ପାଇଁ ତୁମ ହୃଦେ
ଅଛି କେତେ ଭାଗ ପ୍ରେମର ସ୍ଥାନ ?
ମୁଁ କୁହେ ଜୀବନକୁ ପ୍ରେମ ସହ
କରିଦିଅ ହରଣ
ଭାଗଶେଷ ଶୂନ୍ୟ, ଭାଗଫଳ ଏକ
ସର୍ବଦା ଏକା ରହିବ ଜାଣ ।


♥ ଗଣ୍ଡାବାହାଲି ନୂଆପଡା




### ନିରବ


ମମତା ସାହୁ


ନିରବି ଯାଇଛି ନିରବ ଆଖି ମୋ
ନିରବେ ଝରାଏ ଲୁହ
ଶବ୍ଦ ହୁଏ ନାହିଁ ଗୋପନ ଯନ୍ତ୍ରଣା
ଦିଶେ ଖାଲି ତୁମ ମୁହଁ ।

ସ୍ଥିର ହୋଇ ଯେବେ ଠିଆ ହୁଏଁ ନିଜେ
ସତ୍ୟର ଆଇନା ପାଖେ
ଅଟକି ଯାଇଚି ଭାଗ୍ୟ ବିବର୍ଣ୍ଣ ମୋ
ବିରହ ସମୟ ସଙ୍ଗେ ।

ବଦଳି ଯାଇଛି ସବୁ କିଛି ଆଜି
ବିଶ୍ୱାସ ପ୍ରତି ପୃଷ୍ଠାରେ
ଅପ୍ରାପ୍ତ ରସେଇ ଅଜଣା ନଗରି
ନାହିଁ ଆଜି ଉଲ୍ଲାସରେ ।

ମୃଦୁ ମୃଦୁ ଆସି ଭିଜାଇଲ ମନ
ହୃଦେ ପ୍ରେମର ଆନନ୍ଦ
ସେଇ ହୃଦୟରେ ସ୍ଥାପନ କରିଲ
ପ୍ରେମର ଏ ଆଗମନ ।

ନିଷ୍ଠୁର ସମୟ କଲା ଯେ ସମାପ୍ତି
କ୍ଷଣିକେ ଭଙ୍ଗୁରେ ଲିନ ।

ଅବସାଦ ପାଇ ଲୁହରେ ଭିଜୁଛି
ପ୍ରତି ହୃଦୟ ସ୍ପନ୍ଦନ ।

ବିରହ ଜ୍ୱଳାରେ ଲିପ୍ତେ ଛନ୍ଦି ହୁଏ
ସ୍ୱପ୍ନ ସୌଷ୍ଟଭ ପ୍ରିତି
ନିରବ ଆଖି ମୋ ନିରବେ ଝରାଏ
ଖୋଜେ ଅତୀତର ସ୍ମୃତି ।


+ ଗାଇଗାଁ,କଳାହାଣ୍ଡି



# ଅଦିନ ବର୍ଷା




ମୀରା ବେଉରା


ହେ ଭଗବାନ୍, ଏ ଅଦିନରେ ଏତେବେଳକୁ ପୁଣି ବର୍ଷା ହେବାର ଥିଲା। କ'ଣ କରିବି କିଛି ଭାବିପାରୁନି। ଛତାଟିଏ ବି ଆଣିନି। କିଏ ଜାଣିଥିଲା, ଏ ଅଦିନରେ ପୁଣି ଏମିତି ବର୍ଷାହେବ। ରିକ୍ସାଟିଏ ମିଳିବା ବି ଅସମ୍ଭବ। ଏଣେ ଟିକିଏ ଡେରି ହୋଇଗଲେ ଭାଇଭାଉଜଙ୍କ ଦୁନିଆ ଜେରା। କ'ଣ ଯେ କରିବି, କେଡ଼େ ଭଲ ହୋଇଥା'ନ୍ତା ଯଦି ବ୍ୟାଗ୍ ଭିତରେ ଛତାଟିଏ ଆଣିଥା'ନ୍ତି। ହେଲେ ସବୁ କାମ ସାରି ତରତର ହୋଇ ସ୍କୁଲକୁ ଆସିଲାବେଳକୁ ଏ ନିଆଁଲଗା ମନରେ କିଛି ମନେପଡୁନି। ଘେର ତ ସମସ୍ତଙ୍କର ପାଟିରେ ଖାଲି ଦୀପା, ଦୀପା, ଦୀପା। ସତେ ଯେମିତି ଦୀପା ଏ ଘରର ସବୁ କିଛି। ସମସ୍ତଙ୍କ ପାଇଁ ସକାଳ ସାତଟାରୁ ଜଳଖିଆ ପ୍ରସ୍ତୁତ କରିବା, ଫୁଲ ତୋଳିବା, ଭାଇଙ୍କ ପାଇଁ ବେଡ୍ ଟି' ତିଆରି କରିବା ଓ ସେମାନଙ୍କ ଗାଧାଇବା ପାଇଁ ପାଣି ଗରମ କରିବା। ଏତକ କାମସାରି କ'ଣ ଦୁଇଟା ରୋଷେଇ କରି, ଭାଇଦୁଇଟାଙ୍କୁ ସ୍କୁଲ ପଠାଇ, ନିଜ ନିତ୍ୟକର୍ମ ସାରି ବ୍ୟାଗ୍‌ଟେ ଧରି ସ୍କୁଲକୁ ଯାଇ ପିଲାଙ୍କୁ ପଢ଼ାଇବାକୁ ହେବ। ସକାଳ ପାଞ୍ଚରୁ ରାତି ବାରଟା ପର୍ଯ୍ୟନ୍ତ ଟିକିଏ ବି ଫୁରସତ୍ ନାହିଁ। ସେଥିରେ ପୁଣି ମଝିରେ ମଝିରେ ଯଦି କେହି ଅତିଥି ଘରକୁ ଚାଲିଆସିଲେ, ସେମାନଙ୍କ ମୁହଁରେ ମଧ ଖାଲି ଦୀପା, ଦୀପା, ଦୀପା। ଦୀପା ବିଚାରୀ ଭାରି ନିରିମାଖୀ ଝିଅ। ଯିଏ ଯେତେ କାମ ବରାଦ କଲେ ବି କେବେ କାହା ମନେର କଷ୍ଟ ଦିଏନି। ଅହରହ ସମସ୍ତଙ୍କ ସେବାରେ ଲାଗିଥାଏ। ଏମିତି କାର୍ଯ୍ୟବସ୍ତତା ଭିତରେ କାହାର ଯେ ମନେପଡ଼ିବ ଛତା ଆଣିବାକୁ । ସେ ଯାହାହେଉ ଛତା ତ ଆଣିନି। କେମିତି ଘେର ପହଁଞ୍ଚିବ, ସେଇଆ ବସି ଦୀପା ଭାବୁଥାଏ। ଟିକିଏ ଡେରି ହୋଇଗଲେ, ଭାଉଜ କହିବେ, "ଏତେବେଳଯାଏ କେଉଁଠି ଥିଲ ? ତମେ ଏକା ଚାକିରି କରୁଛ ନା କ'ଣ ? ଚାକିରି କରୁଛ ବୋଲି ଅଧିକାଂଶ ସମୟ ବାହାରେ ବିତାଇବ। ଏବେଠାରୁ ଟିକିଏ ଶୀଘ୍ର ଆସିବାକୁ ଚେଷ୍ଟାକର।"

ହେଲେ ଦୀପାର ଦୁଃଖ ବୁଝୁଛି କିଏ ? ସମସ୍ତେ ଏଠି ଖରାପ କଥାକୁ ଶୀଘ୍ର ବୁଝିପାରନ୍ତି; କିନ୍ତୁ ଭଲ କଥାକୁ ସହଜରେ କେହି ବୁଝିବାକୁ ଚେଷ୍ଟା କରନ୍ତି ନାହିଁ। ଘରର ଏତେଗୁଡ଼ାଏ କାମସାରି ଯେତେ ବାଧା ନ ଲାଗେ, ଭାଇଭାଉଜଙ୍କର ସନ୍ଦେହଭରା ଚାହାଣୀ ତିଳକୁ ତାଳ କରି କହିବା ଦୀପାକୁ ଭୀଷଣ ବାଧାଦିଏ। ସେସବୁ ଛାଡ଼, ତାକୁ ଶୀଘ୍ର ଘରକୁ ଯିବାକୁ ହେବ, ଶୀଘ୍ର ଗଲେ ପୁଣି ଚାହା, ଜଳଖିଆ, ରାତ୍ରି ପାଇଁ ଖାଦ୍ୟ ପ୍ରସ୍ତୁତ କରିବାକୁ ପଡ଼େ। ତା'ରି ଭିତରେ ପୁଣି ଦୁଇ ଭାଇଙ୍କ ପଢ଼େଇବାକୁ ପଡ଼ିବ। ଖାଲି ଏତିକି ନୁହେଁ, ସମସ୍ତଙ୍କୁ ଖାଇବାକୁ ଦେଇସାରି, କାଲି କ୍ଲାସ୍‌ରେ କ'ଣ ପଢ଼ାଇବାକୁ ହେବ, ସେଥିପାଇଁ ପୁଣି ପ୍ରସ୍ତୁତି ଦରକାର। ସବୁ କାମ ସାରି ଶେଷରେ ଗୋଟିଏ ଦୀଘର୍ନିଶ୍ୱାସ ପକାଇ ଶୋଇଲାବେଳକୁ ରାତ୍ରି ବାରଟା। ଘରଟା ପୂରାପୂରି ଶୂନ୍‌ଶାନ୍ ହୋଇଯାଇଥାଏ। ତା'ପରେ ତା'ର ବ୍ୟଥାତୁର ହୃଦୟ କହେ, ବୋଉଲୋ ! ତୁ ଆଜି ଯଦି ଥାଆନ୍ତୁ, ଅନ୍ତତଃ ମୋ' ମନ କଥା ତୋତେ ଖୋଲି କହନ୍ତି, କାରଣ ମନ କଥା ଖୋଲି କହିବାକୁ ମୁଁ ସାଥୀଟିଏ ପାଉନାହିଁ।" ଏତିକି କହିସାରିଲାପରେ କଇଁ କଇଁ ହୋଇ ମୁହଁକୁ ତକିଆ ଭିତରେ ଚାପି କାନ୍ଦିପକାଏ ଦୀପା। ସେହି ସମୟଟା ବୋଧହୁଏ ତା'ର ବୋଉ ସହ କଥାବାର୍ତ୍ତା କରିବାର ପ୍ରକୃଷ୍ଟ ସମୟ।

ଏମିତି ଭାବୁଭାବୁ ସେ ସେହି ଅଦିନିଆ ବର୍ଷାରେ କେତେବେଳେ ଯେ ପୂରା ଭିଜିଯାଇ, ତା' ଜାଣିପାରିନି। ଲୁଗା ତା'ର ବର୍ଷା ପାଣିରେ ପୂରା ଜୁଡୁବୁଡୁ। ସାରା ଶରୀରଟା ସମାଜର କ୍ରୁର ଦୃଷ୍ଟିରେ ପୂରା ବିନ୍ଧି ପକାଉଥାଏ। ଏହି ଅବସ୍ଥାଟା ଦୀପା ପାଇଁ ଅତି ଅସହାୟ ଓ ଦୟନୀୟ ଅବସ୍ଥା। ଏମିତି ବର୍ଷାରେ ଜୁଡୁବୁଡୁ ହୋଇ ଘରକୁ ଗଲେ ଭାଉଜଙ୍କର ଆଖିରେ କ୍ରୋଧର ଅଗ୍ନି ବିସ୍ଫୋରିତ ହେବାକୁ ଆଉ ବେଶୀ ସମୟ ଲାଗିବ ନାହିଁ। ହେଲେ କ'ଣ କରିବ ? ସେ କ'ଣ ଜାଣିଶୁଣି ଏମିତି କରିଛି ? ତା'ର ଏପରି ଅବସ୍ଥା ପାଇଁ ସେ କ'ଣ ଦାୟୀ ? କିଏ ଜାଣିଥିଲା ଅଦିନିଆ ବର୍ଷା ତାକୁ ଏମିତି ଲାଗିବ ନାହିଁ। ହେଲେ କ'ଣ କରିବ ? ସେ କ'ଣ ଜାଣିଶୁଣି ଏମିତି କରିଛି ? ତା'ର ଏପରି ଅବସ୍ଥା ପାଇଁ ସେ କ'ଣ ଦାୟୀ ? କିଏ ଜାଣିଥିଲା ଅଦିନିଆ ବର୍ଷା ତାକୁ ଏମିତି ଜୁଡୁବୁଡୁ କରିଦେବ ବୋଲି। ଏମିତି ଭାବୁଭାବୁ ସେ ହୋଇଯାଇଛି ବର୍ଷାଭିଜା ଝିଅଟିଏ। ତା'ପରେ ନିଜେ ନିଜକୁ ଚିହ୍ନି ନିଜର ରୂପକୁ ଦେଖି ଚମକିପଡ଼ିଲା। ତା'ପରେ ଗୋଟିଏ ଘର କ'ଣରେ କିଛି ସମୟ ଠିଆ ହେବାକୁ ସ୍ଥିରକଲା; କିନ୍ତୁ ଏ କ'ଣ ? ଏ ଅଦିନିଆ ବର୍ଷା ତାଙ୍କୁ ସେତେ ଦୁଃଖ ଦେଇନି, ସେ ବେଶୀ ଦୁଃଖ ପାଉଛି ଏଠିକାର ଲୋକମାନଙ୍କ ଠାରୁ। କେତେ କଠୋର ହୃଦୟ ସେମାନଙ୍କର। କାହାର ବେଦନା ଏମାନେ ବୁଝିପାରନ୍ତି ନାହିଁ; ବରଂ ଉପହାସ କରି ମଜା ଉଡ଼ାଇ ଆନନ୍ଦରେ ଉପଭୋଗ କରନ୍ତି। ଏମାନଙ୍କ ମନରେ ଦାନବ ବଦଳରେ କ'ଣ ଦେବତାର ଟିକିଏ ବି ବାସ୍ନା ନାହିଁ ? ଏମାନେ ନିଜର ମଣିଷପଣିଆ ହରାଇ ବସିଛନ୍ତି। ତା' କଣ୍ଠ ରୁଦ୍ଧ ହୋଇଆସୁଥାଏ। ନିଜକୁ ଧିକ୍କାର କରି ଭଗବାନଙ୍କୁ ମଧ ଗାଳି ଦେବାକୁ ସେ ପଶ୍ଚାତ୍ପଦ ହେଲାନି। କି ବିଚିତ୍ର ଦୁନିଆ ଗଢ଼ିଛ ପ୍ରଭୁ! ମୋତେ ଏ ବିପତ୍ତିରୁ ଉଦ୍ଧାର କର। ଏତିକି କହି ନିଶ୍ୱାସ ମାରିଲାବେଳକୁ ତା'ର ଆଖି ଦୁଇଟି ଲୁହରେ ଛଳଛଳ ହୋଇଯାଇଥିଲା।

ଠିକ୍ ଏହି ସମୟରେ ଖୁବ୍ ଜୋରରେ ଆସୁଥିବା ମୋଟର ସାଇକେଲଟା ହଠାତ୍ ସେହିଠାରେ ଅଟକିଗଲା। ସେହି ଗାଡ଼ିରେ ଥିଲେ ବ୍ୟାଙ୍କ ମ୍ୟାନେଜର ପ୍ରଶାନ୍ତ ଦାସ। ଦେଖିବାକୁ ଖୁବ୍ ଭଦ୍ର, ଗମ୍ଭୀର, ସୁନ୍ଦର, ସୌମ୍ୟ ଚେହେରା। ଶରୀରରେ ପିନ୍ଧିଥିବା ରେନ୍‌କୋଟଟାକୁ ଦୀପାକୁ ବଢ଼ାଇ ଦେଇ କହିଲେ, "ନିଅନ୍ତୁ ଏହି ରେନ୍‌କୋଟଟାକୁ ପିନ୍ଧି ଦିଅନ୍ତୁ। ଯଦି କିଛି ଆପତ୍ତି ନଥାଏ ତେବେ ମୋ' ଗାଡ଼ିରେ ବସନ୍ତୁ, ମୁଁ ଆପଣଙ୍କୁ ଆପଣଙ୍କ ଘରେ ଛାଡିଦେବି।" ଦୀପା ହଠାତ୍ ସବୁ ବୁଝି କିଛି ନ ବୁଝିଲା ପରି ଚମକି ଉଠିଲା। ସେ ଆଗରୁ ଜାଣିଥିଲା, ଏମିତି ଭଦ୍ର ଦେଖାଯାଉଥିବା ଲୋକମାନେ ପ୍ରକୃତରେ ଯେତିକି ଭଦ୍ର ଦେଖାଯାଆନ୍ତି, କିନ୍ତୁ ସେତିକି ଭଦ୍ର ନୁହେଁ; କିନ୍ତୁ ତଥାପି କାହିଁକି ଏହି ଭଦ୍ରବ୍ୟକ୍ତିଙ୍କୁ ଦେଖି ସେ ଟିକିଏ ଆଶ୍ୱସ୍ତି ଲାଭ କଲା। ପ୍ରଶାନ୍ତବାବୁ ଯେ କାହିଁକି ହଠାତ୍ ଏମିତି ଅଟକିଗଲେ, ତାହା ମଧ ସେ ଜାଣନ୍ତି ନାହିଁ। କାହିଁକିନା ସେ ଆଗରୁ କେବେ କୌଣସି ଝିଅକୁ ଦରଦଭାବ ଦେଖାଇନାହାନ୍ତି। ଅଥଚ ଦୀପାଙ୍କୁ କାହିଁକି ! ସେ ମଧ ଜାଣିଥିଲେ ଯେ, ଝିଅମାନେ ଭାରି ମାୟାବୀ। ନାରୀ ହିଁ ଅଟେ ନର୍କର ଦ୍ୱାର। ତେଣୁ ସେ ଯଥାସମ୍ଭବ ନାରୀମାନଙ୍କଠାରୁ ଦୂରତ୍ୱ ଯଥାସମ୍ଭବ ରଖୁଥିଲେ; କିନ୍ତୁ ଆଜି ଏ ବ୍ୟତିକ୍ରମ କାହିଁକି ? ବୋଧହୁଏ ଏହି ଝିଅଟି ତାଙ୍କ ମନକୁ କିଣିପାରିଛି।

ଯେତେବେଳ ଭଦ୍ରବ୍ୟକ୍ତି ଜଣଙ୍କ ତାଙ୍କୁ ଘରେ ଛାଡ଼ି ଦେବା ପାଇଁ କହିଲେ, ଦୀପା ଖାଲି ଆଶ୍ଚର୍ଯ୍ୟ ହୋଇ ସେହି ଭଦ୍ରବ୍ୟକ୍ତିଙ୍କୁ ଅପଡିତ ପଲକରେ ଚାହିଁଥାଏ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ହୋ ହୋ ହୋଇ ହସିବାକୁ ଲାଗିଲେ। ଏହି ହସ ଦୀପାର ବ୍ୟଥାତୁର ହୃଦୟକୁ ଆହୁରି ବିନ୍ଧି ପକାଉଥିଲା। ଏମିତି ଭଦ୍ରବ୍ୟକ୍ତି ସେ ଆଗରୁ କେବେ ଦେଖିନଥିଲା, ଯେଉଁମାନେ କି ନାରୀକୁ ପ୍ରକୃତ ସମ୍ମାନ ଦେବା ଜାଣନ୍ତି। ଦୀପା ଆଖିରୁ ହଠାତ୍ କେତୋଟି ଅଶ୍ରୁବୁନ୍ଦା ଅଜାଣତରେ ଗଳପଡ଼ିଲା। ଦୀପା ଯେତେବେଳେ କହିଲା, "ଭାଇ, ଆପଣଙ୍କର ଏପରି ବ୍ୟବହାର ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି। ଭଗବାନ ଆପଣଙ୍କର ମଙ୍ଗଳ କରନ୍ତୁ", କିନ୍ତୁ ଏହି ଭାଇ ଡାକ ଶୁଣିବାମାତ୍ରେ ପ୍ରଶାନ୍ତ ବାବୁ ଆଶାର ତାଜମହଲ ଭାଙ୍ଗି ଚୁରମାର୍ ହୋଇଗଲା। ଜୀବନରେ ଥରକ ପାଇଁ ଯେଉଁ ଝିଅ ତାଙ୍କର ସେହି ଅମାନିଆ ମନକୁ କିଣିପାରିଥିଲା, ସେ ଆଜି ତାକୁ ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିଦେଲା। କି ବିଚିତ୍ର ଲୀଳା ପ୍ରଭୁ ତୋର ! ଏତିକି ଭାବୁଭାବୁ ଭଦ୍ରବ୍ୟକ୍ତି ପ୍ରଶାନ୍ତ ଦାସଙ୍କ ଆଖିରେ ମଧ ଲୁହ ଜକେଇ ଆସିଥିଲା।


+ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି, ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪


# ଅବିଚାର




ଘନଶ୍ୟାମ ପଲେଇ


ହରିଆଟା ଭାରି ସାଧାସିଧା, ନିରୀହ । ଦୁଇ ଗାଁର ଠିକ୍ ମଝିରେ, ଜଙ୍ଗଲ ଲାଗିକି ତା' ଘର। କେଉଁ ବାପପୁରୁଷ ଅମଳାରୁ ସେମାନେ ସେଠି ରହୁଛନ୍ତି, ତା'ର ଜଣା ନାଇଁ । ତାର ଇମିତିରେ ବି ଡରଭୟ ବୋଲି ଟିକେ ନାଇଁ ।

ଆଜି ଯାଏଁ ତା'ର ଭୋଟର କି ଆଧାର କାର୍ଡ ଖଣ୍ଡେ ନାଇଁ । ତେଣୁ ସରକାରୀ ଯୋଜନା ବି ତା' ପାଖରେ ଅପହଞ୍ଚ ।

ଇଆ ତା ଘରେ କାମ କରି ପରିବାର ଚଳାଏ। ପରିବାର କହିଲେ ସାନବଡ କରି ପାଞ୍ଚ ଛୁଆ ଓ ତା' ସ୍ତ୍ରୀକୁ ମିଶାଇ ସାତ ପ୍ରାଣୀ କୁଟୁମ୍ବ। ସ୍ତ୍ରୀ ଛୁଆପିଲା ପ୍ରତି ତା'ର ଭାରି ଲୋଭ, ତେଣୁ ଯେଉଁଠିକୁ କାମ କରି ଗଲେ ବି ମୁହଁ ସଞ୍ଜ ହେଉଣୁ ଘରେ ହାଜର ।

ହରିଆଟା ଶାଳଗଛ ଭଳିଆ ଡେଙ୍ଗା ଯେମିତି, ମଜବୁତ ବି । ଯେତେ ବଡ କାମ ହେଉ, କେଉଁ କାମ ତାକୁ ବଳିଯିବନି । ସବୁ କାମରେ ଆଗୁଆ । ସେଇଥିପାଇଁ ତା ପେଟ କେବେ ଅପୋଷା ରହେନି। ଅପୋଷା ଯିବ ବା କିମିତି, ସେ କଣ ଗାଁର ଅନ୍ୟ ଭେଣ୍ଡିଆଙ୍କ ଭଳିଆ ଦୁଇ ଟଙ୍କିଆ ଚାଉଳ ଖାଇ ପେଟ ଡିମା କରି ବୁଲୁଛି ? ହଁ ଅବଶ୍ୟ କିଛି ଦିନ ହେଲା ତା ଘରେ ଭଲ କି ଚୁଲି ଜଳୁନି । ହରିଆକୁ ଭୀଷଣ ଥଣ୍ଡା ଜର । ଏ ବର୍ଷ ଥଣ୍ଡାଟା ବି ବେଶି ବଢ଼ିଚି, ଇମିତିରେ ବି ତ ସହଜେ ଡିସେମ୍ବର ମାସ।

ସକାଳୁ ସକାଳୁ କୁରାଢୀଟା ହରିଆ କାନ୍ଧରେ ଦେଖି ତା' ସ୍ତ୍ରୀ କହିଲା- ଏ ବର୍ଷ ଶେଷ ଦିନଟାରେ କିଏ ତମକୁ ଡାକିଲା ବା ?

ହରିଆ କହିଲା କାଲି ନୂଆ ବର୍ଷ ଭୋଜି ଅଛି ତ ସୁଖିଲା କାଠ ଦିଇଟା ଫାଳ କରିଦେବାକୁ ଡକେଇଛନ୍ତି, ସମରେଶ ବାବୁ।

ସମରେଶ ବାବୁ ଘର କଥା ଶୁଣି ତା ସ୍ତ୍ରୀ ଖୁସି ହେଇଗଲା। ଭାରି ଭଲଘର। କାମ କରେଇବେ ଯିମିତି ଦେବେ ବି ସିମିତି । ସଞ୍ଜକୁ ଗାମୁଛାରେ ପୁଟୁଳି ବାନ୍ଧି ଘରକୁ ଫେରିଲା, ହରିଆ । ଆଉ ଗଣ୍ଠୁଲିଟା ହରିଆ ସ୍ତ୍ରୀ ଆଡକୁ ବଢାଇ ଦେଉ ଦେଉ କହିଲାଏଥିରେ ବାସ୍ନା ଚାଉଳ ଅଛି । ହଁ, ଆଉ କୁକୁଡାଗା ପସିଲେଣି ନା ନାଇଁ ? ଆଜି ସାନ ନାଁରେ ଥିବା କୁକୁଡାଟା ରାନ୍ଧି ପୁରୁଣା ବର୍ଷକୁ ବିଦାୟୀ ଜଣାଇବା। ଏକଥା ଶୁଣି ନାଚି ଉଠିଲେ ପିଲାଏ।



ଛୋଟିଆ ଘରଟା, ଗୋଟେ କୋଣରେ ମାଟିର ଚୁଲିଟାଏ। ଚୁଲି ଉପରେ ଗୋଟିଏ ପାଖରେ ଫୁଟୁଥାଏ ଭାତ, ଅନ୍ୟପାଖରେ କୁକୁଡା ମାଂସ । ଭାତ ଆଉ ମାଂସ ବାସ୍ନାରେ ଘରେ ଆସିସାରିଥିଲା ଭୋଜିର ମଜା । ପିଲାଏ କମ୍ବଳ ଭିତରେ ଥାଇ ବାସ୍ନା ସୁଙ୍ଘି, ଭୋକରେ ପାଟିରୁ ଲାଳ ଗଡଉଥିଲେ । ବଡ ପିଲାଟା ବେଳେ ବେଳେ ଖୁସିରେ କୁରୁଳି ଉଠି କହୁଥିଲା ହାପି ନ୍ୟୁୟ ଇଅର। କବାଟ ଠକ୍ ଠକ୍ ହେଲା। ନିଆଁ ଫୁଙ୍କୁଥିବା ନଳିଟା ଧରି କବାଟ ଖୋଲିବାକୁ ଗଲା ହରିଆ ସ୍ତ୍ରୀ । କବାଟଟା ଖୁଲିଚି କି ନାଇଁ ହଠାତ୍ ଚାରି ପାଞ୍ଚ ଜଣ କଳାମୁଖାଲଗା ଲୋକ ଘରେ ପଶିଗଲେ । ଭିତରପଟୁ ଛିଟିକିଣିଟା ଦେଉ ଦେଉ କହିଲେ ଆମକୁ ଯାହା ଅଛି ଖାଇବାକୁ ଦେଇଦିଅ, ଖାଇ ଚାଲିଯିବୁ। ବେଶି ଚାଲିକି କଲେ, ଏଇ ବନ୍ଧୁକ ଦେଖୁଛ ! କାହାରିକୁ ଛାଡିବୁ ନାଇଁ।

ହରିଆ ପରିବାରକୁ ଏମାନେ ନୂଆ ହେଲେ ବି ଘଟଣା ଅଜଣା ନୁହେଁ। ମାଓବାଦୀ ବୋଲି ହାବଭାବରୁ ଜାଣିପାରି ସଭିଏଁ ଡରରେ କମ୍ପୁଥିଲେ । ଏବେ କରିବେ ବା କଣ ? ସେମାନଙ୍କୁ ଦେଲେ ପିଲାଏ ଖାଡା ଓପାସ, ନ ଦେଲେ ମଲେ । ପିଲାଙ୍କ ମୁହଁକୁ ଅନେଇ ହରିଆ ସ୍ତ୍ରୀ ଭୁଲିଗଲା ପେଟର ଭୋକକୁ। ଆଜି ଜୀବନ ରହୁ, ଖାଇବେ କାଲିକୁ ।

ଖାଇପିଇ ଉଦର ଶାନ୍ତି କରି, ଚାଲି ଗଲେ ସେମାନେ । କଳସୀରେ ରଖିଥିବା ଝରଣା ପାଣି ଗିଲାସେ ଲେଖା ପିଇ ମାଂସ ବାସ୍ନାକୁ ବିସ୍ମରିବାକୁ ଚେଷ୍ଟା କରୁଥିଲେ ପରିବାରର ସଭିଏଁ, ରାତ୍ରିର ବିଳମ୍ବିତ ପ୍ରହର ଯାକେ।

ସକାଳୁ ସକାଳୁ ଥାନା ଗାଡି ଆସି ଠିଆ ହେଲା ହରିଆ ଦୁଆରେ । ହରିଆକୁ ପଚାରିଲେ କାଲି ମାଓବାଦୀ ତମ ଘରେ ଥିଲେ ? ସତ ସତ କହ।

ଆଜ୍ଞା ହଁ, ହେଲେ ମୁଁ ସେମାନଙ୍କୁ ଚିହ୍ନେ ନା କି ଜାଣେନା ହରିଆ ହାତ ଯୋଡି ଥରି ଥରି କହିଲା ।

ଦେଶଦ୍ରୋହୀ କେଉଁଠିକାର, ଗାଡିରେ ବସ!

ହରିଆଟା ଗାଡିରେ ବସୁ ନଥିଲା । ଦିଜଣ ବନ୍ଧୁକ ଧାରି ବାବୁ ତାକୁ ଗୋଟା ପଣେ ଟେକି ଫିଙ୍ଗି ଦେଲେ ଗାଡିକୁ। ଧୂଳି ଉଡେଇ ଗାଡି ପଳେଇଲା।

ପରଦିନ ଖବରକାଗଜ ଓ ଟିଭିର ବ୍ରେକିଂ ନିଉଜଥିଲା ପୁଲିସର ବଡ ସଫଳତା, ଦୁର୍ଦ୍ଦାନ୍ତ ମାଓବାଦୀ ଗିରଫ । ସେ ହରିଆ ନାମରେ ଜଣା ଥିଲେ ବି ଆଧାର କିମ୍ବା ଭୋଟର କାର୍ଡ୍ ନ ଥିବାରୁ ଏଯାଏଁ ତାର ପ୍ରକୃତ ପରିଚୟ ମିଳିପାରି ନାହିଁ ।


+ବଡ ଆମୁଁଣି, ହାଣ୍ଡିଭଙ୍ଗା, ଝୁମ୍ପୁରା, କେନ୍ଦୁଝର,
ପିନ୍: ୭୫୮୦୩୧
ମୋ:୯୪୩୭୭୧୮୫୦୦


# ଦୁଃଖ ଖୋଜୁଥିବା ମଣିଷ






ବିଜୟ କୁମାର ପଣ୍ଡା


ଚାକିରିଆ ସ୍ତ୍ରୀ ଆଉ ପୁଅକୁ ନେଇ ଦାସ ବାବୁଙ୍କ ଛୋଟିଆ ପରିବାର । ଅବସରପ୍ରାପ୍ତ ବାପା ମା' ରୁହନ୍ତି ଗାଁରେ।

ସପ୍ତାହରେ ଦୁଇ ତିନି ଦିନ ସ୍ତ୍ରୀ ଆଉ ପୁଅକୁ ଧରି ପାଖାପାଖି ତିନି ଚାରି କିଲୋମିଟର ଗାଡ଼ିରେ ବୁଲି ଆସନ୍ତି ଦାସ ବାବୁ କିଛି ଗୋଟେ ସନ୍ଧାନରେ। ଘରେ ରହି ତାଙ୍କୁ ବହୁତ ବୋର ଲାଗୁଛି ଆଉ ତାଙ୍କ ଗାଡ଼ିକୁ ମଧ। ଫିଚର ଲୋଡେଡ଼ ଦାମୀ ଗାଡ଼ିଟାକୁ କେହି ନଦେଖିଲେ ଗାଡ଼ି ଆଉ ମାଲିକ ଉଭୟଙ୍କ ମନ ଦୁଃଖ। ଘର ପାଖାପାଖି ଛୋଟିଆ ବଜାରଟିଏ ଯେଉଁଠି ଠେଲା ଗାଡ଼ିଠୁଁ ଆରମ୍ଭ କରି ଛୋଟରୁ ବଡ଼ ଦୋକାନମାନ ଅଛି, ପରିବାରଟିଏ ଚଳିବା ପାଇଁ ସବୁକିଛି ଉପଲବ୍ଧ ।

ଏତେ ସବୁ ମଧ୍ୟରେ ଦାସ ବାବୁଙ୍କର ଏକ ବଡ଼ ଦୁଃଖ ଯେ ..ସେ ରହୁଥିବା ସୋସାଇଟିରେ କେହି ଦୁଃଖୀ ନାହାଁନ୍ତି। ସମସ୍ତଙ୍କର ଦାମୀ ଗାଡ଼ି କିମ୍ବା ଗୋଟିଏ ଦୁଇଟା ପ୍ଲଟ ନଥିଲେ ମଧ ପ୍ରାୟ ସମସ୍ତେ ନିଜ ଦୁନିଆର ଖୁସିରେ ଅଛନ୍ତି । ତାଙ୍କୁ ଏଇ କଥାଟା ଅନେକ ଦୁଃଖୀ କରାଉଥିଲା । ଏଇ ଯେମିତି ମାଗିଖିଆ ଲୋକଟିଏ ଅବା ଦାରିଦ୍ରରେ ପୀଡ଼ିତ ଲୋକଟିଏ ଅବା ପରିସ୍ଥିତିରେ ପଡ଼ି ଅତ୍ୟନ୍ତ ଅସହାୟ ହୋଇପଡ଼ିଥିବା ମଣିଷଟିଏ.. ଏମିତି କାହିଁକି କେହି ତାଙ୍କୁ ଦେଖା ଯାଉନାହାନ୍ତି ସେ ରହୁଥିବା ଜାଗାରେ !!

ସେମିତି ଲୋକମାନଙ୍କୁ ଦେଖିଲେ ହୁଏତ ଟଙ୍କା ପଚାଶ କିଶହେ ଦେଇ ନିଜର ବଡ଼ପଣ ଆଉ ଉଦାରତା ଦେଖେଇ ହୁଅନ୍ତେ ନିଜ ପରିବାର ଆଗରେ, ଆଉ ସୋସିଆଲ ମିଡ଼ିଆରେ ବି । ତାଙ୍କ ହୁକୁମ ମାନୁନଥିବା ସ୍ତ୍ରୀ ଆଗରେ ଦୁଃଖୀ ମାନଙ୍କୁ ଦେଖାଇ କୁହନ୍ତେ 'ଏଇ ଲୋକମାନଙ୍କୁ ଦେଖି ଚିନ୍ତାକର .. ତମେ କେତେ ଭାଗ୍ୟବାନ । ଦାମୀ ଗାଡ଼ିରେ ବୁଲୁଛ..ଦୁଇ ମହଲା ଘରେ ରହୁଛ.. ନନା ଆସି ରୋଷେଇ କରିଦେଇ ଯାଉଛି । ଚବିଶ ଘଣ୍ଟା ପାଣି ଆଉ ବିଜୁଳି ତମ ପାଇଁ ଉପଲବ୍ଧ। କେଉଁଥିରେ ତୁମର ଅଭାବ ରଖିନାହିଁ ମୁଁ ।' ଦୁଃଖୀର ଅନୁସନ୍ଧାନରେ ବାହାରିବା ବେଳେ କାର ଭିତରେ ଥାଇ ବାହାର ଦୁନିଆକୁ ଅନୁଧ୍ୟାନ କରି ସେ ସ୍ତ୍ରୀକୁ କୁହନ୍ତି 'ଏଇ ସହରରେ, ଲୋକ ଗୁଡ଼ାକ ଏତେ ସ୍ୱାଭିମାନୀ କେମିତି କେଜାଣି ? ଆଖ ପାଖରେ ଭିକାରିଟିଏ ବି ଦିଶୁନି ? ସମସ୍ତେ ଛୋଟ ବଡ଼ କାମରେ ବ୍ୟସ୍ତ । ଏଠି ବଡ଼ ସାନ ବୋଲି ଗୋଟେ କାହାର ଖାତିର ନାହିଁ ।' ଦାସ ବାବୁଙ୍କ ସ୍ତ୍ରୀ ଆଉ ପୁଅ ଏସବୁକୁ ଧ୍ୟାନ ଦିଅନ୍ତିନି । ଦିନକୁ ଦିନ ଦାସ ବାବୁଙ୍କ ଏଇ ଗୋଟିଏ ଦୁଃଖଟି ବଢ଼ି ବଢ଼ି ଗଲା । ରାତିରେ ନିଦ ନହେବାରୁ ଦିନ ସାରା ଚିଡ ଚିଡ଼ ହେଉଥିଲେ । ଧୀରେ ଧୀରେ ବ୍ଲଡ଼ ପ୍ରେସର ରୋଗରେ ପୀଡ଼ିତ ହେଲେ। ଦିନେ ତାଙ୍କୁ ଲାଗିଲା ଏଭଳି ଜାଗାରେ ଘରକରି ରହିବା ହିଁ ତାଙ୍କ ଦୁଃଖର କାରଣ । ଏ ଘରଟାକୁ ବିକ୍ରି କରିଦେଇ ଅନ୍ୟଜାଗା ଚାଲିଯିବେ କିନ୍ତୁ ତାଙ୍କ ସ୍ତ୍ରୀ ରାଜି ହେଲେନି। 'ଏ ଘରର ପ୍ରତି କୋଣ ଅନୁକୋଣରେ ମୋର ସ୍ୱପ୍ନ ଆଉ ସ୍ମୃତି ବାନ୍ଧି ହୋଇଅଛି। ଏଘର ଛାଡ଼ି ମୁଁ ଯାଇ ପାରିବିନି।' ଦାସ ବାବୁଙ୍କ ସ୍ତ୍ରୀ ମନା କରିଦେଲେ।'

ରାଗରେ ଦାସ ବାବୁ ଘରଛାଡ଼ି ଭଡ଼ାଘର ଖୋଜା ଖୋଜି କରି ବସ୍ତି ପାଖା ପାଖି ରହିଲେ। ତାଙ୍କ ଦାମୀ ଗାଡ଼ିଟି ସେ ଭଡ଼ାଘରକୁ ନେଇଗଲେ। ସୀମା ସେପାଖରୁ କିଛି ଅନୁପ୍ରବେଶକାରୀ ମାନେ ଆସି ଜାଗା ମାଡ଼ି ଧୀରେ ଧୀରେ ବସ୍ତି ବସେଇ ଦେଇଥାନ୍ତି । ସେକଥା ଦାସ ବାବୁଙ୍କୁ ଜଣା ନଥିଲା । ସେ ତାଙ୍କ କାରରେ ଯେତେବେଳେ ବାହାରନ୍ତି, ଲୋକେ ଘଡ଼ିଏ ଚାହାଁନ୍ତି। ପିଲା ଗୁଡ଼ାକ ଗାଡ଼ି ପଛରେ ଦଉଡ଼ନ୍ତି । ଦାସ ବାବୁଙ୍କୁ ଖୁବ ଖୁସି ଲାଗେ ।

ପିଲା ମାନଙ୍କୁ ଚକଲେଟ, ବିସ୍କୁଟ ଦିଅନ୍ତି । ସେଦିନ ରାତିରେ ଦାସବାବୁ ଫୋନ୍ କରି ବସ୍ତିରେ ଥିବା ଦୁଃଖୀ ଲୋକଙ୍କ କଥା ସ୍ତ୍ରୀକୁ କହୁଥିଲେ । ସ୍ତ୍ରୀ କହିଲେ 'ତମେ ସେଇଠି ଖୁସିରେ ରୁହ । ମୁଁ ଅମ୍ବାନୀ କି ଅଦାନୀ ନୁହେଁ । ମୋର ବି ଅନେକ ଦୁଃଖ ଅଛି ।' ସକାଳୁ ଉଠି ଦାସ ବାବୁ ଦେଖିଲେ ଗାଡ଼ିର ପଛ ଚକ ଦୁଇଟା ନାହିଁ । ଦାସ ବାବୁଙ୍କ ମୁଣ୍ଡଟା ଖରାପ ହୋଇଗଲା । ପୋଲିସ ରେ କମ୍ପ୍ଲେନ ଦେଲେ। ସପ୍ତାହ ବିତିଗଲା କିନ୍ତୁ କିଛି ଚୋରର କିଛି ସନ୍ଧାନ ମିଳିଲା ନାହିଁ। ସେଦିନ ସକାଳୁ ସକାଳୁ ଉଠି ଦେଖିଲେ ଆଗଚକ ଦୁଇଟା ବି ନାହିଁ। ଆହୁରି ଦୁଃଖି ହୋଇଗଲେ। ଥାନାରେ ପହଞ୍ଚିଲେ। ଥାନା ବାବୁ ତାଙ୍କୁ ଆଶ୍ୱାସନା ଦେଲେ ଯେ କିଛିଦିନ ଭିତରେ ଚୋର ଧରା ପଡ଼ିଯିବ। ଦାସ ବାବୁ ଥାନାବାବୁଙ୍କ ଉପରେ ରାଗିଗଲେ। 'ଦେଖନ୍ତୁ ..ଆମର ଆହୁରି କେତେ ଗୁରୁତ୍ୱପୂର୍ଣ୍ଣ କାମ ଅଛି। ଆମେ ଦିନରାତି ଗାଡ଼ିର ଚକ ଖୋଜିବାପାଇଁ ଏଠି ଖାଲିରେ ବସିନୁ। ତା ଛଡ଼ା ନିଜଘର ଛାଡ଼ି ତମେ ଏ ଅନୁପ୍ରବେଶକାରିଙ୍କ ବସ୍ତି ପାଖରେ ରହୁଛ ? ଆପଣଙ୍କ ଅସୁବିଧା କଣ ଅଛି କୁହନ୍ତୁ ?'

ଦାସ ବାବୁଙ୍କ ଦୁଃଖ ଦୁଇଗୁଣା ହୋଇଗଲା। ଫେରିଲା ବେଳକୁ ଦୂରରୁ ଦେଖିଲେ ତାଙ୍କଠୁଁ ଚକଲେଟ ବିସ୍କୁଟ ନେଉଥିବା ପିଲାଟିଏ ତାଙ୍କ ଗାଡ଼ିର ଗୋଟିଏ ଚକସହ ଖେଳୁଛି। ଏ ଚକଟା ତୁ କେଉଁଠି ପାଇଲୁ ବୋଲି ପଚାରିବାରୁ ସେ କହିଲା 'ସାର୍ ଏଇ ଚକଟା ଛ' ମାସ ହେଲାଣି ମୁଁ ଖେଳୁଛି।' ଦାସ ବାବୁ ତାର ମିଛ ଠିକ୍ ବୁଝିପାରିଲେ। ତା ପରଦିନ ଗୁଡ଼ାଏ ଟଙ୍କା ଦେଇ ଗାଡ଼ିର ଚାରୋଟି ଚକ କିଣି ଭଡ଼ାଘର ଛାଡ଼ି ନିଜ ଘରକୁ ଫେରିଆସିଲେ। ଘରେ ପହଂଚି ଜାଣିଲେ ସ୍ତ୍ରିକୁ ଜନ୍ମଦିନରେ ଉପହାର ଦେଇଥିବା ହୀରା ମୁଦିଟା ଚୋରି ହୋଇଯାଇଛି। ସ୍ତ୍ରୀ କହୁଥିଲେ 'ରୋଷେଇ କରୁଥିବା ନନା ଦୁଇ ସପ୍ତାହ ତଳେ କହିଲେ ସେ ଗୋଟିଏ ମାସ ପାଇଁ ଗାଁକୁ ପଳେଇବେ ସେଥିପାଇଁ ଜଣେ ସ୍ତ୍ରୀ ଲୋକକୁ ମୁଁ ରୋଷେଇ ପାଇଁ ରଖିଥିଲି । ଗତକାଲି ସକାଳ ସକାଳେ ମୋ ଆଙ୍ଗୁଳିଟା ଟିକେ କଟିଯିବାରୁ ମୁଁ ମୁଦିଟା ଡାଇନିଂ ଟେବୁଲ୍ ଉପରେ ରଖିଦେଇ ଭୁଲିଗଲି । ସନ୍ଧ୍ୟାରେ ଖୋଜିଲା ବେଳକୁ ଆଉ ମିଳୁନି। ସେ ସ୍ତ୍ରୀ ଲୋକଟା କାଲି ସନ୍ଧ୍ୟାରୁ ଆଜି ସନ୍ଧ୍ୟା ଯାଏଁ କାମକୁ ଆସିନି'। ଦୁଃଖ ଖୋଜୁଥିବା ମଣିଷ ଦାସବାବୁ ଏବେ ଦୁଃଖ ଲାଘବର ଉପାୟ ଖୋଜୁଥିଲେ ।


ସବଂଗ, ମାର୍କୋଣା, ବାଲେଶ୍ୱର,
ମୋ: ୯୭୩୯୫୯୧୮୧୬

# ଏମ୍ସ ଭୁବନେଶ୍ୱରରେ ପେଡିଆଟ୍ରିକସ୍ ସର୍ଜରୀ ସପ୍ତାହ ପାଳିତ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ନିଜ ଘର ହେଉଛି ପ୍ରଥମ ସ୍ଥାନ ଯେଉଁଠାରେ ଶିଶୁର ସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ। ମାତ୍ର ଅଧିକାଂଶ ସମୟରେ ପିତାମାତା ଏବଂ ଅଭିଭାବକମାନେ ଛୋଟ ଛୋଟ ଦିଗ ପ୍ରତି ଅବହେଳା କରିଥାଆନ୍ତି। ଯାହାକି ପରବର୍ତୀ ସମୟରେ ଶିଶୁମାନଙ୍କ ପାଇଁ ବିପଦର କାରଣ ପାଲଟିଥାଏ। ସେହିପରି ବାହାରକୁ ବୁଲିଗଲା ବେଳେ ମଧ ଶିଶୁମାନଙ୍କ ସୁରକ୍ଷା ପ୍ରତି ବିଶେଷ ଧାନ ଦେବା ଜରୁରୀ। ଏନେଇ ଛୁଆମାନଙ୍କୁ ସଡ଼କ ସୁରକ୍ଷା, ବିଦ୍ୟାଳୟରେ ନିଜକୁ ସୁରକ୍ଷିତ ରଖିବାର ବିଭିନ୍ନ କଥା ଶିଖେଇବାକୁ ପଡ଼ିଥାଏ। ଏନେଇ ପିତାମାତା ଏବଂ ଅଭିଭାବକଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିଶୁ ଶଲ୍ୟ ସପ୍ତାହ ପାଳନ ଅବସରରେ ଆଜି ଏମ୍ସ ଭୁବନେଶ୍ୱରରେ ଶିଶୁ ଶଲ୍ୟ ବିଶେଷଜ୍ଞମାନେ ଉପସ୍ଥିତ ପିତାମାତା ଏବଂ ଅଭିଭାବକଙ୍କୁ ଏନେଇ ବିସ୍ତୃତ ସୂଚନା ଦେବା ସହିତ ସଚେତନତାର ବାର୍ତା ବାଂଟିଛନ୍ତି। ଶିଶୁ ଦିବସ ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ଚାଲିଥିବା ଶିଶୁ ଶଲ୍ୟ ସପ୍ତାହ ପାଳନ ଅବସରରେ ଆଜି ଏମ୍ସ ଭୁବନେଶ୍ୱର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଚଳିତ ବର୍ଷର ଥିମ୍ ରହିଛି ଶିଶୁ ସୁରକ୍ଷା। ଏହି ବିଷୟ ଉପରେ ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ପ୍ରଫେସର ଡ. ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ ସମସ୍ତଙ୍କୁ ଉପାଦେୟ ସଚେତନତାମୂଳକ ବାର୍ତା ଦେଇଥିଲେ। ଏହି ଅବସରରେ ଏମ୍ସ ଭୁବନେଶ୍ୱରରେ ଉପସ୍ଥିତ ଶିଶୁମାନଙ୍କୁ ନେଇ ଏକ କଲର ଫିଲିଙ୍ଗ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶିକା ଡ. ବି ଗୀତାଞ୍ଜଳି ଶିଶୁ ମାନଙ୍କ ସୁରକ୍ଷାକୁ ପିତାମାତା ଏବଂ ଅଭିଭାବକ ବେଶ୍ ଗୁରୁତ୍ୱର ସହିତ ନେବାକୁ ପରାମର୍ଶ ଦେଇଥିଲେ। ବିଭାଗୀୟ ପ୍ରାଧାପକ ପ୍ରଫେସର ଡ. ମନୋଜ କୁମାର ମହାନ୍ତି, ଡ.ଆକାଶ ବିହାରୀ ପତି, ଡ. ସୁବ୍ରତ ସାହୁ, ଡ. ସନ୍ତୋଷ କୁମାର ମହାଳିକ ପ୍ରମୁଖ ଶିଶୁମାନଙ୍କୁ ବିଭିନ୍ନ ବିପଦରୁ ରକ୍ଷା କରିବା ନେଇ ନାନା ଉପାୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭାଗୀୟ ଫାକ୍ଲଟି ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

# ଛୁଟିରେ ଅଧବାର୍ଷିକ ବୋର୍ଡ ପରୀକ୍ଷା : ଓଷ୍ଟା ସମେତ ଏଆଇଏସଏଫ୍, ଏସ୍ଆଇଏଫ୍‌ର ବିରୋଧ

ଭୁବନେଶ୍ୱର ,୨୧/୧୧ (ନି.ପ୍ର): ମାଟ୍ରିକ୍ ପରୀକ୍ଷା, ମୂଲ୍ୟାୟନ ଓ ଅନ୍ୟାନ୍ୟ କ୍ଷେତ୍ରରେ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ)ର ଏକପାଖିଆ ନିଷ୍ପତ୍ତି ଛାତ୍ର ଓ ଶିକ୍ଷକମାନଙ୍କ ଉପରେ ଲଦି ଦିଆଯାଉଥିବା ନେଇ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ଏଆଇଏସ୍ଏଫ୍ ସଭାପତି ସଙ୍ଘମିତ୍ରା ଜେନା ଓ ଏସ୍ଆଇଏଫ୍ ଛାତ୍ରନେତା ବିପ୍ଳବ କୁମାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଓଷ୍ଟା ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି କହିଛନ୍ତି ଯେ ରାଜ୍ୟର ବୁଦ୍ଧିଜୀବୀ, ଅଭିଭାବକ, ଶିକ୍ଷକ ଓ ଛାତ୍ର ସଙ୍ଗଠନଗୁଡ଼ିକର ମତାମତକୁ ଉପେକ୍ଷା କରି ବିଏସ୍ଇ ଏକତରଫା ଭାବେ ଶିକ୍ଷା ବିରୋଧୀ ନୀତି ଆପଣେଇ ଚାଲିଛି। ରାଜ୍ୟ ସରକାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ନିରବଦ୍ରଷ୍ଟା ସାଜି ଏହାକୁ ସମର୍ଥନ କରୁଛନ୍ତି। ଏହା ଛାତ୍ର ଓ ଶିକ୍ଷକଙ୍କୁ ମାନସିକ ଯନ୍ତ୍ରଣା ଭିତରକୁ ଠେଲି ଦେଉଛି। ରାଜ୍ୟରେ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ସ୍ଥାୟୀ ସ୍ୱୀକୃତି ନଦେଇ ୩୦ରୁ ୪୦ବର୍ଷ ଧରି ସ୍ୱୀକୃତି ନବୀକରଣ ନାମରେ ପ୍ରତ୍ୟେକ ବିଦ୍ୟାଳୟରୁ ବର୍ଷକୁ ୪ ହଜାର ଟଙ୍କା ଫି' ଆଦାୟ କରି ଚାଲିଛନ୍ତି। ୨୦୧୯ରୁ ୨୦୨୧ମସିହା ପର୍ଯ୍ୟନ୍ତ କରୋନା ପାଇଁ ବିଦ୍ୟାଳୟ ବନ୍ଦ ଥିଲେ ମଧ ବୋର୍ଡ ପକ୍ଷରୁ ପିଛିଲା ଭାବେ ୨୦୧୯ର ଦେୟକୁ ମିଶାଇ ଚଳିତବର୍ଷ ୮ ହଜାର କରି ରାଜ୍ୟର ପ୍ରାୟ ୩ ହଜାରରୁ ଅଧିକ ମାଧମିକ ବିଦ୍ୟାଳୟରୁ ଜୋରଜବରଦସ୍ତ ଟଙ୍କା ଆଦାୟ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯେଉଁ ବିଦ୍ୟାଳୟଗୁଡ଼ିକୁ ରାଜ୍ୟ ସରକାର ଦରମା, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ନଦେଇ ଗୋଟି ଶ୍ରମିକ ଭାବେ ଶିକ୍ଷକଙ୍କୁ ଖଟାଉଛନ୍ତି, ସେଠାରୁ ଉକ୍ତ ଅର୍ଥ ଆଦାୟ କରିବା ପାଇଁ ପରିଷଦ କର୍ତ୍ତୃପକ୍ଷଙ୍କୁ ଅନୁମତି ଦେବା କେତେ ଦୂର ଯଥାର୍ଥ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଚଳିତ ବାର୍ଷିକ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଦୁଇଟି ବୋର୍ଡ ପରୀକ୍ଷା ଓ ଚାରୋଟି ଆସେସ୍‌ମେଣ୍ଟ ପରୀକ୍ଷାର ବୋଝ ଲଦି ଦେଇଛନ୍ତି। ଏହା କେତେ ଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି।

# ନିଗମାନନ୍ଦ ପରମହଂସଙ୍କ ସାର୍ବଭୌମ ଭକ୍ତ ସମ୍ମିଳନୀ ଡିସେମ୍ବର ୨୭ରୁ ୨୯



ଭୁବନେଶ୍ୱର,୨୧/୧୧ (ନି.ପ୍ର): ଆସାମ-ବଙ୍ଗୀୟ ସାରସ୍ୱତ ମଠ, କୋକିଳାମୁଖ, ଯୋରହାଟ ଆସାମଙ୍କ ତରଫରୁ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ପ୍ରବର୍ତ୍ତିତ ସାର୍ବଭୌମ ଭକ୍ତ ସମ୍ମିଳନୀର ୧୦୭ତମ ଅଧିବେଶନ ଚଳିତ ବର୍ଷ ଡିସେମ୍ବର ୨୭ରୁ ୨୯ ତାରିଖ ଯାଏଁ ବିଭାଗୀୟ ସାରସ୍ୱତ ଆଶ୍ରମ, ଗୌତମ ନଗର ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ସାର୍ବଭୌମ ଭକ୍ତ ସମ୍ମିଳନୀର କେବଳ ବିଧିରକ୍ଷା କରାଯିବ। ସରକାରଙ୍କ ନିର୍ଦ୍ଧାରିତ ନିୟମାବଳି ଓ କୋଭିଡ୍-୧୯ ମାର୍ଗଦର୍ଶିକାର ଅବଲମ୍ବନରେ କେବଳ ସୀମିତ ସଂଖ୍ୟକ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ସେବକଙ୍କୁ ନେଇ ଏହି ବିଧିରକ୍ଷା କାର୍ଯ୍ୟକ୍ରମ ପାଳିତ ହେବ। ପ୍ରଚଳିତ କରୋନା କଟକଣାକୁ ଦୃଷ୍ଟିରେ ରଖି ଭକ୍ତ ସମ୍ମିଳନୀରେ ଯୋଗ ନ ଦେବାକୁ ସାରସ୍ୱତ ମଠ ତରଫରୁ ନିବେଦନ କରାଯାଇଛି। କେବଳ ସୂଚୀତ ସେବକମାନେ ଯୋଗଦାନ କରିପାରିବେ। "ମୁଁ ଜଗତରେ ଯଦି ଆଉ କିଛି କରିଯାଇ ନଥାନ୍ତି, ତେବେ ଏହି ସାର୍ବଭୌମ ଭକ୍ତ ସମ୍ମିଳନୀ ହିଁ ମୋର ସ୍ମୃତି ରକ୍ଷା କରିବ," ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଭକ୍ତ-ଶିଷ୍ୟମାନଙ୍କ ପାଇଁ ବିଶେଷ ପ୍ରଣିଧାନଯୋଗ୍ୟ। ଭକ୍ତ, ଶିଷ୍ୟ, ମା' ଓ ଭାଇମାନଙ୍କୁ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଏହି ମହାନ କାର୍ଯ୍ୟରେ ସାଧମତେ ସାହାଯ୍ୟ ପ୍ରଦାନ କରିବାକୁ ସାରସ୍ୱତ ମଠ ତରଫରୁ ଅନୁରୋଧ କରାଯାଇଛି।

# ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚୁପ୍ କାହିଁକି ?: କଂଗ୍ରେସ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ୨୦୧୪ ମସିହା ପାଖରୁ ଆଜକୁ ୭ବର୍ଷ ଭିତରେ କେବଳ ରନ୍ଧନଗ୍ୟାସ ସିଲିଣ୍ଡର ପିଛା ୫୫୦ ଟଙ୍କା ବୃଦ୍ଧି ଘଟିଛି। ଆଜି ୧୪.୨ କିଲୋଗ୍ରାମ ଏଲପିଜି ଗ୍ୟାସ ସିଲିଣ୍ଡରର ଭୁବନେଶ୍ୱରରେ ମୂଲ୍ୟ ୯୨୬ ଟଙ୍କା କିନ୍ତୁ ବଲାଙ୍ଗିର, ସମ୍ବଲପୁର, କଳାହାଣ୍ଡି ଅଂଚଳରେ ଏହା ୯୫୯ ଟଙ୍କା। ୨୦୨୦ ମସିହାରେ ଯେତେବେଳେ ସାରା ରାଜ୍ୟରେ ମହାମାରୀରେ ପୀଡ଼ିତ ସେହି ସମୟରେ କେନ୍ଦ୍ର ସରକାର ଗ୍ୟାସ ସିଲିଣ୍ଡର ପିଛା ୨୦୦ ଟଙ୍କା ବୃଦ୍ଧିକଲେ କିନ୍ତୁ ମୁଖ୍ୟମନ୍ତ୍ରୀ ପଦୁଟିଏ ବି ବିରୋଧ କରି କହିନାହାନ୍ତି। ଏବେ ବି ମୁଖ୍ୟମନ୍ତ୍ରୀ ଚୁପ୍ ରହିଛନ୍ତି ବୋଲି ରାଜ୍ୟ କଂଗ୍ରେସ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗ୍ୟାସ୍ ସିଲିଣ୍ଡର ଉପରୁ ୨.୫ % ଜିଏସଟି ଛାଡ଼ କରନ୍ତୁ ତତ୍‌ସହିତ ଶୀଘ୍ର ଶୀତଳ ଭଣ୍ଡାର କରନ୍ତୁ, ପନିପରିବା ଚାଷୀଙ୍କୁ ପ୍ରୋତ୍ସାହିତ କରନ୍ତୁ ଏବଂ ତାଙ୍କ ଦ୍ରବ୍ୟକୁ ସଂଗ୍ରହ କରି ରଖିବା ପାଇଁ ବ୍ୟବସ୍ଥା କରିବାକୁ କଂଗ୍ରେସ ଦାବି କରିଛି। ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ମୁଖପାତ୍ର ରଜନୀ କୁମାର ମହାନ୍ତି ଓ ଶ୍ରୀମତୀ ସସ୍ମିତା ବେହେରା କହିଛନ୍ତି ଯେ ୨୦୧୪ ମସିହା ଉପା ସରକାର ସମୟରେ ୪୧୦ ଟଙ୍କା ୫୦ ପଇସାରେ ୧୪.୨ କିଲୋଗ୍ରାମ ଏଲପିଜି ଗ୍ୟାସ ସିଲିଣ୍ଡର ପ୍ରତ୍ୟେକ ଉପଭୋକ୍ତାମାନଙ୍କୁ ମିଳୁଥିଲା। ଏବେ କିନ୍ତୁ ରନ୍ଧନ ଗ୍ୟାସ୍ ଦର ଆକାଶଛୁଆଁ ହେଲାଣି। ୨୦୧୪ ମସିହା ପାଖରୁ ୨୦୨୧ ମସିହା ମଧରେ ପେଟ୍ରୋଲ ୪୫୯ ଶତପ୍ରତିଶତ ଦାମ ବୃଦ୍ଧି ହୋଇଛି। ୨୦୧୪ରେ ଗ୍ରାମାଂଚଳରେ ପିଡିଏସ ସିଷ୍ଟମରେ ୧୪ଟଙ୍କା ୯୬ ପଇସାରେ କିରୋସିନି ଯୋଗାଇ ଦିଆଯାଉଥିଲା କିନ୍ତୁ ଏବେ ୩୫.୩୫ ସବସିଡି ଦିଆଯାଉ ନାହିଁ। ୨୦୨୦ ମସିହା ପାଖରୁ କେନ୍ଦ୍ର ସରକାର କୌଣସି ସବସିଡ ରନ୍ଧନଗ୍ୟାସ ଉପରେ ଦେଉନାହାଁନ୍ତି। ରାଜ୍ୟ ସରକାର ୨୦୧୫ ମସିହାରେ ପିଆଜ ମିଶନ କରିଥିଲେ ଆଶା କରାଯାଉଥିଲା ଆଳୁ ପିଆଜ ବହୁତ ସସ୍ତାରେ ମିଳିବ କିନ୍ତୁ ତାହା ହେଲା ନାହିଁ। ଏହାର ବିଫଳତାର ଶ୍ରେୟ କିଏ ନେବ। ୨୦୦ ଶୀତଳ ଭଣ୍ଡାର ନିଷ୍ପତି ନିଆଯାଇଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ୨୦ ଟି ମଧ କାର୍ଯ୍ୟକରୁ ନାହିଁ। ଠିକ ସେହିଭଳି ଆଳୁ ମିଶନ ୨୦୧୫ ମସିହା ୩୦ ଏପ୍ରିଲରେ ଆରମ୍ଭ କରାଗଲା ବୋଲି କୁହାଗଲା ।ରାଜ୍ୟ ସରକାର ୫୫ ଟି ଶୀତଳ ଭଣ୍ଡାର କରିବେ ବୋଲି ପ୍ରତିଶ୍ରୁତି ଦେଲେ କିନ୍ତୁ ଆଜି ସୁଦ୍ଧା ୧୦ଟି ଶୀଳତ ଭଣ୍ଡାର ମଧ କାର୍ଯ୍ୟକ୍ଷମ ନାହିଁ। ତେଣୁ ଆଳୁ ପଆଜ, ପନିପରିବା ଯେଉଁ ଅହେତୁକ ଦରଦାମ ବୃଦ୍ଧି ଘଟିଛି ସେଥିପାଇଁ ବିଜୁ ଜନତା ଦଳର ସରକାର ସଂପୂର୍ଣ୍ଣଭାବେ ଦାୟୀ ବୋଲି କଂଗ୍ରେସ ଅଭିଯୋଗ କରିଛି।

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁରରେ ଶିମିଳିପାଳର ପାହାଡ଼ି ଖଡ଼ିଆ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର ମାଧ୍ୟମରେ ଆସନ୍ତାକାଲି ଦର୍ଶକମାନେ ଶିମିଳିପାଳ ପାହାଡ଼ି ଖଡ଼ିଆ ଜନଜାତିଙ୍କ ସଂପର୍କରେ ଜାଣିପାରିବେ । ଖଡ଼ିଆମାନଙ୍କ ମଧରେ ପାହାଡ଼ି ଖଡ଼ିଆ ଅନ୍ୟତମ। ସେମାନେ ସବୁବେଳେ ଗୋଟିଏ ଜାଗାରେ ନରହି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଅଂଚଳରେ ପ୍ରାୟତଃ ବୁଲୁଥାନ୍ତି। ସେମାନେ ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ପାର୍ବତ୍ୟାଂଚଳର ଯଶୀପୁର ଓ କରଞ୍ଜିଆ ବ୍ଲକ୍ ରେ ବିଶେଷ କରି ଜଙ୍ଗଲରେ ବସବାସ କରିଥାନ୍ତି। ପାହାଡ଼ି ଖଡ଼ିଆମାନେ ଜଙ୍ଗଲରୁ ମହୁ ସଂଗ୍ରହରେ ଧୁରୀଣ। ଏଥି ସହିତ ଝୁଣା, ପାଳୁଅ ଓ ଅନ୍ୟାନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଜୀବନ ଜୀବିକାର ଆବଶ୍ୟକତାକୁ ମେଂଟାଇଥାନ୍ତି। ସେମାନେ ମଧ ଏଥି ସହିତ ତାଙ୍କ ପାଖରେ ଥିବା ସ୍ୱଳ୍ପ ଜମିରେ ଚାଷବାସ କରିଥାନ୍ତି। ମହିଳାମାନେ ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପାଇଁ ଖଜୁରୀପତ୍ର ଓ ବାଉଁଶରେ ଚଟେଇ ତିଆରି କରିଥାନ୍ତି। ପାହାଡ଼ି ଖଡ଼ିଆମାନେ ବିଭିନ୍ନ ଦେବଦେବୀଙ୍କୁ ପୂଜା କରିଥାନ୍ତି । ଧର୍ମଭାବନାରେ 'ବୁଢ଼ାମ' ଠାକୁରଙ୍କୁ ସେମାନେ ତାଙ୍କର ମୁଖ୍ୟ ଦେବତା ବୋଲି ମାନିଥାନ୍ତି।

# ଆମକୁ ଗାଇଡ଼ଲାଇନ୍ ମାନିବାକୁ ପଡ଼ିବ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ରାଜ୍ୟରେ କରୋନା ସ୍ଥିତି ପୂର୍ବ ଅପେକ୍ଷା ଭଲ ଅଛି। ତେଣୁ ସମସ୍ତ ଦୃଷ୍ଟିକୁ ନଜରରେ ରଖି ଏସ୍ଆରସି ନୂଆ ଗାଇଡ଼ଲାଇନ୍ ଜାରି କରିଛନ୍ତି। ଏଥିରେ କିଛି କ୍ଷେତ୍ରରେ କଟକଣାକୁ କୋହଳ କରାଯାଇଛି । ବର୍ତମାନ ସବୁକିଛି ନିୟନ୍ତ୍ରଣ ଭିତରେ ରହିଛି। ଆଗକୁ ଆମକୁ ଗାଇଡ଼ଲାଇନ୍ ମାନିବାକୁ ପଡ଼ିବ। ଯାହା ଦ୍ୱାରା ସଂକ୍ରମଣକୁ ରୋକା ଯାଇପାରିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ବୁଷ୍ଟର ଡୋଜକୁ ନେଇ ଭିନ୍ନ ଭିନ୍ନ ମତ ଆସିଛି। କିଏ କିଏ କହୁଛନ୍ତି ଏହା ତୃତୀୟ ଡୋଜ। ଯାହାକି ୬ମାସ ପରେ ନେବାକୁ ପଡିଥାଏ। ତେବେ ଏହା କାହା ଲାଗି ଦରକାର ପଡୁଛି, ତ ଆଉ କାହାକୁ ପଡିବନାହିଁ। ସେଥିପାଇଁ ନ୍ୟାସନାଲ୍ ଟାସ୍କଫୋର୍ସ କାମ କରୁଛନ୍ତି। ସେ ଦିଗରେ ଅନେକ ତଥ୍ୟ ଉପରେ ଚିନ୍ତା ମଧ କରୁଛନ୍ତି । କେନ୍ଦ୍ର ଯାହା ନିଷ୍ପତି ନେବ। ସେ ଦିଗରେ ଯେଉଁ ଗାଇଡଲାଇନ୍ ରାଜ୍ୟକୁ କେନ୍ଦ୍ର ଦେବ । ସେ ଦିଗରେ ଆମ ରାଜ୍ୟ ଆଗକୁ ବଢିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର।

# ୧୭୦୦ ବିଦ୍ୟାଳୟ ପାଖରେ ଜେରକ୍ସ ପାଇଁ ଅର୍ଥ ନାହିଁ

## ବେସଲାଇନ୍ ଆସେସ୍‌ମେଣ୍ଟରୁ ବଞ୍ଚିତ ହେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର ,୨୧/୧୧ (ନି.ପ୍ର): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଷଷ୍ଠ ଓ ୭ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସାରା ରାଜ୍ୟରେ ବେସଲାଇନ୍ ଆସେସ୍‌ମେଣ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପ୍ରତି ବିଦ୍ୟାଳୟକୁ ମୋବାଇଲ ସାହାଯ୍ୟରେ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇ ଜେରକ୍ସ କରି ପିଲାଙ୍କୁ ଦେବାକୁ କୁହାଯାଇଛି। ଜେରକ୍ସ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା କମ୍ପୋଜିଟ୍ ଗ୍ରାଣ୍ଟ କିମ୍ବା ପରୀକ୍ଷା ପାଣ୍ଠିରୁ ଖର୍ଚ୍ଚ କରିପାରିବେ। ତେବେ ପ୍ରାୟ୧୭୦୦ ସରକାରୀ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଏହି ସବୁ ଗ୍ରାଣ୍ଟ ଦିଆଯାଉନାହିଁ। ତେଣୁ ଏହି ବିଦ୍ୟାଳୟରେ ଅଧ୍ୟୟନରତ ୪୦ ହଜାରରୁ ଅଧିକ ଛାତ୍ରଛାତ୍ରୀ କିପରି ଏହି ପରୀକ୍ଷା ଦେବେ, ତାହାକୁ ନେଇ ଶିକ୍ଷକ ଓ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। ଓଡ଼ିଶାର ସରକାରୀ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ସମନ୍ୱିତ ଅନୁଦାନ, ଇକୋ କ୍ଲବ, ଲାଇବ୍ରେରି ଓ ଖେଳ ଅନୁଦାନ ଦେବାକୁ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲଷ୍ଟା) ପକ୍ଷରୁ ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯିବା ପରେ ମଧ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଯେଉଁଥିପାଇଁ ଛାତ୍ରଛାତ୍ରୀ ଶିକ୍ଷା ଅଧିକାର ଆଇନ ମୁତାବକ ମୌଳିକ ସୁବିଧାରୁ ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ତୁରନ୍ତ ୧୭୦୦ରୁ ଅଧିକ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ଯୋଗାଇ ଦେବାକୁ ସଙ୍ଗଠନ ସଭାପତି ଜଗବନ୍ଧୁ ଜେନା, ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଶିବନାରାୟଣ ବେହେରା, ବିକ୍ରମ କୁମାର ଦାସ, କୋଷାଧ୍ୟକ୍ଷ ଜୟପ୍ରକାଶ ପଣ୍ଡା, ଉପ ସଭାପତି କିଶୋର କୁମାର ମହାରଥା, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ମାଧବାନନ୍ଦ ପଣ୍ଡା ପ୍ରମୁଖ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି।

# ସମବାୟ ସଂସ୍ଥାକୁ ଅଧିକ ଲୋକାଭିମୁଖୀ ଓ ଆସ୍ଥାଭାଜନ କରିବା ନିମନ୍ତେ ତତ୍ପରତା ଆବଶ୍ୟକ : ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ସମବାୟକୁ ଅଧିକ ଲୋକାଭିମୁଖୀ ଓ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ନିମନ୍ତେ ସମବାୟ ସହିତ ଜଡ଼ିତ ସମସ୍ତଙ୍କର ଆଭିମୁଖ୍ୟ ଓ କାର୍ଯ୍ୟଶୈଳୀରେ ଅଧିକ ତତ୍ପରତା ପ୍ରଦର୍ଶନ ଆବଶ୍ୟକ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ପାଳିତ ହେଉଥିବା ୬୮ତମ ନିଖିଳ ଭାରତ ସମବାୟ ସପ୍ତାହର ଉଦ୍‌ଯାପନୀ ଦିବସରେ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ କରିଥିବା ସମବାୟ ସଂସ୍ଥାଗୁଡ଼ିକୁ ପୁରସ୍କୃତ କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ସମବାୟ ବିଭାଗ ଚାଷୀମାନଙ୍କର ଉନ୍ନତି ନିମନ୍ତେ ବହୁବିଧ କାର୍ଯ୍ୟକ୍ରମ ରୂପାୟନ କରୁଛି । ତେବେ ସବୁପ୍ରକାର ଆହ୍ୱାନକୁ ମୁକାବିଲା କରିବା ପାଇଁ ସମବାୟ ସଂସ୍ଥା ନିଜ ମଧରେ ଆବଶ୍ୟକ ସାମର୍ଥ୍ୟ ସୃଷ୍ଟି କରିବା ଦରକାର। ସମବାୟର ଲାଭ ଯେପରି ତୃଣମୂଳସ୍ତରର ସାଧାରଣ ଜନତା ସହଜରେ ପାଇପାରିବେ ସେଥି ନିମନ୍ତେ ଅଧିକ ଯନିବାନ ହେବାର ଆବଶ୍ୟକତା ରହିଛି। ରାଜ୍ୟର ମୋଟ ଫସଲ ଋଣର ପ୍ରାୟ ୬୩ ପ୍ରତିଶତ ଋଣ ଚାଷୀମାନଙ୍କୁ ପ୍ରଦାନ କରିବା ସମବାୟ ବ୍ୟାଙ୍କର ଏକ ବଡ଼ ଉପଲବ୍ଧି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପରିସରରେ ଆୟୋଜିତ ଉତ୍ସବରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ କହିଲେ ଯେ ସମବାୟ ସଂସ୍ଥା ତୃଣମୂଳସ୍ତରର ଲୋକଙ୍କ ଜୀବିକା ନିର୍ବାହର ମାଧମ ଭାବରେ ନିଜକୁ ପ୍ରତିପାଦିତ କରିପାରିଛି । ସମବାୟ ଏକ ଜୀବନଶୈଳୀ ଓ ଏହାର ଆଦର୍ଶ ଜୀବନରେ ପ୍ରତିଫଳିତ ହୋଇପାରିଲେ ଏକ ସୁସ୍ଥ ଅର୍ଥନୈତିକ ବାତାବରଣ ସୃଷ୍ଟି ହୋଇପାରିବ । ଉତ୍ସବରେ ଅନ୍ୟମାନଙ୍କ ମଧରେ ସମବାୟ ସମିତି ସମୂହର ନିବନ୍ଧକ ସୁଶାନ୍ତ କୁମାର ବାରିକ ଏବଂ ସମବାୟ ସମିତି ସମୂହର ଅଡ଼ିଟର ଜେନେରାଲ୍ ଭରତଚନ୍ଦ୍ର ବେହେରା ସମବାୟ ସଂସ୍ଥାଗୁଡ଼ିକୁ ଅଧିକ ଲୋକାଭିମୁଖୀ କରିବା ଦିଗରେ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ୍ ଦ୍ୱାରା ପ୍ରକାଶିତ ମୁଖପତ୍ର 'ସମବାୟ ସମାଚାର'ର ବିଶେଷ ସଂଖ୍ୟା ଓ ସମବାୟ ସଂସ୍ଥାଗୁଡ଼ିକର ସୁପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ 'ବୁକ୍ ଅଫ୍ ସର୍କୁଲାର୍ସ'ର ଶୁଭ ଉନ୍ମୋଚନ କରିଥିଲେ।

# ଅଦ୍ୱିକାରେ ଏକ ବର୍ଷରେ ଯୋଡ଼ି ହୋଇଛନ୍ତି ୧୦ ଲକ୍ଷ କିଶୋରୀ ବାଳିକା

## ଅଦ୍ୱିକାର ନୂତନ ଫର୍ଦ୍ଦରେ ଯୋଡ଼ିହେଲା ସଖା-ବନ୍ଧୁ

ଭୁବନେଶ୍ୱର,୨୧/୧୧ (ନି.ପ୍ର): କିଶୋରୀ ବାଳିକାମାନଙ୍କ ସାମଗ୍ରିକ ବିକାଶ ଏବଂ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କ ମଧରେ ସାମାଜିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ୨୦୨୦ ମସିହା ଅକ୍ଟୋବର ୧୧ ତାରିଖରେ ଆରମ୍ଭ ହୋଇଥିବା 'ଅଦ୍ୱିକା' କାର୍ଯ୍ୟକ୍ରମକୁ ଇତି ମଧରେ ଏକ ବର୍ଷ ପୂର୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ଶନିବାର ଶିଶୁ ଅଧିକାର ସପ୍ତାହର ଶେଷ ଦିନରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଙ୍ଗନବାଡ଼ି ସେବାରେ ଯୋଡ଼ି ହୋଇଥିବା କିଶୋରୀବାଳିକାଙ୍କ ନିମନ୍ତେ ରାଜ୍ୟସ୍ତରୀୟ 'ଅଦ୍ୱିକା' ସମ୍ମିଳନୀ ଭର୍ଚୁଆଲ୍ ମାଧମରେ ଅନୁଷ୍ଠିତ ହୋଇଯାଇଛି । ଭିଡ଼ିଓ କନ୍‌ଫରେନ୍ସି ଜରିଆରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ସିଡ଼ିପିଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ସହ ୪ ହଜାରରୁ ଉର୍ଦ୍ଧ୍ୱ କିଶୋରକିଶୋରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୟୁନିସେଫ୍ ଏବଂ ୟୁଏନ୍ଏଫ୍‌ପିଏର ସହଯୋଗରେ ଆରମ୍ଭ ହୋଇଥିବା 'ଅଦ୍ୱିକା' କାର୍ଯ୍ୟକ୍ରମରେ ଗତ ଏକ ବର୍ଷ ମଧରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ କିଶୋରୀବାଳିକା ସାମିଲ ହୋଇଛନ୍ତି । ସେମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ୬୦୦ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ପ୍ରତ୍ୟେକ କିଶୋରୀ ଗ୍ରୁପ୍‌ରେ ସଚେତନତା ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ 'ସଖୀ-ସହେଳି'ଙ୍କୁ ଚିହ୍ନଟ କରାଯାଇଛି । ଡିଜିଟାଲ୍ ମାଧମରେ ପ୍ରତ୍ୟେକ ସ୍ତରରେ ସଚେତନତାର ବାର୍ତା ପହଂଚାଇବା ନିମନ୍ତେ ୨୦୦ ହ୍ୱାଟସ୍‌ଆପ୍ ଗ୍ରୁପ୍ ଗଠନ କରାଯାଇଛି । ମୁଖ୍ୟତଃ ବାଲ୍ୟବିବାହ ରୋକିବା, ବାଳିକାମାନଙ୍କୁ ନିର୍ଯାତନା ତଥା ଘରୋଇ ହିଂସାରୁ ସୁରକ୍ଷା ଦେବା, ଡ୍ରପ୍ ଆଉଟ୍ ହାଉସ, କିଶୋରୀମାନଙ୍କ ପୁଷ୍ଟିସାଧନ, ସ୍ୱଚ୍ଛତା ଏବଂ ଶାରୀରିକ ତଥା ମାନସିକ ପ୍ରସଙ୍ଗଗୁଡ଼ିକରେ ସଚେତନତା ସୃଷ୍ଟି ପାଇଁ 'ଅଦ୍ୱିକା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏଥିରେ ସାମିଲ ହେବା ପରେ ତୃଣମୂଳ ସ୍ତରରେ କିଶୋରୀବାଳିକାମାନଙ୍କ ମଧରେ ସଚେତନତା ସୃଷ୍ଟି କ୍ଷେତ୍ରରେ ଆଖିଦୃଶିଆ ରୂପାନ୍ତରଣ ଦେଖିବାକୁ ମିଳିଛି । ଏହି ସଫଳତାକୁ ଆହୁରି ଉଚ୍ଚତର ପର୍ଯ୍ୟାୟକୁ ନେବା ନିମନ୍ତେ ଏଣିକି କିଶୋର ବାଳକମାନଙ୍କୁ ମଧ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ସାମିଲ କରାଯିବ ଏବଂ ସେମାନଙ୍କ ମଧରୁ 'ସଖା-ବନ୍ଧୁ'ମାନଙ୍କୁ ନିୟୋଜିତ କରାଯିବ । ଏହି କ୍ରମରେ ଆଜିଠାରୁ 'ଅଦ୍ୱିକା'ରେ ଯୋଡ଼ି ହୋଇଛି ଏକ ନୂତନ ଫର୍ଦ୍ଦ 'ସଖା-ବନ୍ଧୁ' । ଯେଉଁମାନେ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟକୁ ସବୁସ୍ତରରେ ପହଂଚାଇବା ଦିଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବେ ସେହି ସଖୀ-ସହେଲି, ସଖା-ବନ୍ଧୁ ଏବଂ ଅଙ୍ଗନବାଡ଼ି କର୍ମୀଙ୍କୁ ରାଜ୍ୟ ସ୍ତରରେ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ଘୋଷଣା କରାଯାଇଛି । ଆଜି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଥିଲେ, ପ୍ରତ୍ୟେକ ଝିଅ ଆମ ପାଇଁ ଅଦ୍ୱିତୀୟ । ଝିଅମାନଙ୍କୁ ସବୁଦୃଷ୍ଟିରୁ ସଶକ୍ତ କରି ଗଢ଼ିତୋଳିବା ନିମନ୍ତେ ଆରମ୍ଭ କରାଯାଇଥିବା 'ଅଦ୍ୱିକା' କାର୍ଯ୍ୟକ୍ରମ ଆମ ରାଜ୍ୟର ଝିଅମାନଙ୍କୁ ସଶକ୍ତ ଏବଂ ସମର୍ଥ କରିବା ଦିଗରେ ଏକ ବଳିଷ୍ଠ ପ୍ରୟାସ । 'ଅଦ୍ୱିକା' ମାଧମରେ ବାଲ୍ୟବିବାହ, ଶିଶୁଚାଲାଣ, ଶିଶୁ ନିର୍ଯାତନା ଭଳି ଅନେକ ସମ୍ବେଦନଶୀଳ ପ୍ରସଙ୍ଗରେ ଝିଅମାନେ ମୁହଁ ଖୋଲି ପାରୁଛନ୍ତି, ସମସ୍ୟାକୁ ପ୍ରତିହତ କରି ପରିବର୍ତନର ବାହକ ସାଜି ପାରିଛନ୍ତି । 'ଅଦ୍ୱିକା' ଅନେକଙ୍କ ଭିତରେ ନେତୃତ୍ୱ ନେବାର କ୍ଷମତା ତିଆରି କରିପାରିଛି । 'ସଖା-ବନ୍ଧୁ' କାର୍ଯ୍ୟକ୍ରମର ଶୁଭାରମ୍ଭ ଏବଂ ତା'ର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କହିଥିଲେ ସଚେତନତା ସୃଷ୍ଟି ଦିଗରେ କେବଳ କିଶୋରୀବାଳିକା ନୁହେଁ ବାଳକମାନଙ୍କର ମଧ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

# ବିଡିଏ , ହାଉସିଂ ବୋର୍ଡ ତରଫରୁ ହିତାଧିକାରୀଙ୍କୁ ଲିଜ୍ ଦଲିଲ୍ ବଂଟନ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ଭୁବନେଶ୍ୱର ଉନ୍ନୟନ କର୍ତୃପକ୍ଷ ଏବଂ ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ବିଭିନ୍ନ ସମୟରେ ଆବଂଟିତ ବାସୋପଯୋଗୀ ଘର ଓ ଜମି ହିତାଧିକାରୀଙ୍କୁ ଆଜି ଲିଜ୍ ଦଲିଲ୍ ହସ୍ତାନ୍ତରର ଶୁଭାରମ୍ଭ କରାଯାଇଛି । ଜୟଦେବ ଭବନ ଠାରେ ଆୟୋଜିତ ଏକ ଉତ୍ସବରେ ପଚାଂୟତିରାଜ , ପାନୀୟଜଳ, ଆଇନ , ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଥମ ପର୍ଯ୍ୟାୟରେ ବିଡିଏ ତରଫରୁ ୭୮ ଜଣ ଏବଂ ହାଉସିଂ ତରଫରୁ ୪୩ ଜଣ ହିତାଧିକାରୀଙ୍କୁ ଦଲିଲ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଖୁବ୍ ଶୀଘ୍ର ସମସ୍ତ ଆବଂଟନ ଗ୍ରହୀତାଙ୍କୁ ଲିଜ୍ ଦଲିଲଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନର୍ଦ୍ଦେଶ ଦିଆଯାଇଛି।

ଆର୍ଯ୍ୟବିହାର, ଉଦୟଗିରି ବିହାର, କଳିଙ୍ଗ ନଗର ଓ ଅନନ୍ତ ବିହାର ପୋଖରୀପୁଟ, ଚନ୍ଦ୍ରଶେଖରପୁର, ପଟିଆ, କପିଳପ୍ରସାଦ, ଆଇଗିଣିଆ, ଜୟଦେବ ବିହାର ଏବଂ ଡୁମୁଡୁମାରେ ଦୀର୍ଘ ୨୦ ବର୍ଷ ହେଲା ଜିଏ ବିଭାଗରୁ ମିଳିଥିବା ଜମି ଉପରେ ବିଡିଏ ଓ ହାଉସିଂ ବୋର୍ଡ ତରଫରୁ ନିର୍ମାଣ ହୋଇଥିବା ଘର ଗୁଡ଼ିକ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଲିଜ୍ ସମ୍ପାଦନ ନ ହୋଇଥିବାରୁ ଆବଂଟନ ଗ୍ରାହୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଡିଏ ତରଫରୁ ୮୧୧୬ଟି ସୁଲଭ ବାସଗୃହ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଯୋଗାଇ ଦେବା ପାଇଁ ପ୍ରକଳ୍ପ ହାତକୁ ନିଆଯାଇଛି। ଏଥିମଧରୁ ୧୩୦୧ଟି ବାସଗୃହ ହସ୍ତାନ୍ତର ହୋଇସାରିଛି। ଅନ୍ୟ ଗୃହଗୁଡ଼ିକ ନିର୍ମାଣଧୀନ ଅଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୪୪୬୦ଟି ସୁଲଭ ବାସଗୃହ ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଯୋଗାଇ ଦେବାକୁ ଯୋଜନା ଅତିଶୀଘ୍ର ଆରମ୍ଭ କରାଯିବ। ଏଥି ସହିତ ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସହରରେ ଆବାସିକ ପ୍ରକଳ୍ପ କାର୍ଯ୍ୟକାରୀ କରି ସହରାଂଚଳରେ ହାଉସିଂ ବୋର୍ଡ ୩୧୭୬୫ଗୋଟି ବିଭିନ୍ନ କିସମର ବାସଗୃହ / ପ୍ଲଟ / ଦୋକାନ ଗୃହ ରାଜ୍ୟର ବିଭିନ୍ନ ସହରା ଳରେ ନିର୍ମାଣ କରି ଯୋଗାଇଛନ୍ତି। ଏଥିମଧରେ ରାଜ୍ୟର ଆର୍ଥିକ ଦୁର୍ବଳଶ୍ରେଣୀ ଏବଂ ନିମ୍ନ ମଧବି ବର୍ଗ ର ଜନସାଧାରଣଙ୍କ ବାସଗୃହ ଚାହିଦା ପୂରଣ ପାଇଁ ସଂସ୍ଥା ମୋଟ ୧୯୨୧୮ଟି ବାସଗୃହ ନିର୍ମାଣ କରିଛନ୍ତି। ଆଗାମୀ ଦିନରେ ବାସଗୃହ ଚାହିଦା ପୂରଣ କରିବା ପାଇଁ ସଂସ୍ଥା ବ୍ୟାପକ ଗୃହ ନିର୍ମାଣ ଯୋଜନା କାର୍ଯ୍ୟକାରୀ କରୁଛି ।

# ଟିଜି ସୁରକ୍ଷା ଟ୍ରଷ୍ଟ ତରଫରୁ କିନ୍ନର କମ୍ୟୁନିଟି ଦିବସ ପାଳିତ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ଟିଜି ସୁରକ୍ଷା ଟ୍ରଷ୍ଟ ତରଫରୁ କିନ୍ନର କମ୍ୟୁନିଟି ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଂଟିନ ଛକରେ ଶତାଧିକ କିନ୍ନର ଏକତ୍ରିତ ହୋଇ ସାଧାରଣ ମଣିଷଙ୍କ ପରି କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ, କିନ୍ନରମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଚାକିରୀ କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ଯୋଗାଇଦେବା, ଭୂମିହୀନମାନଙ୍କୁ ଭୂମି ଏବଂ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, କିନ୍ନର ୱେଲଫେୟାର ବୋର୍ଡ଼ ଗଠନ କରିବା ଏବଂ ସର୍ବୋପରି ନିର୍ବାଚନରେ କିନ୍ନରମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଯୋଗାଇ ଦେବାକୁ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ କିନ୍ନର ସମାଜରେ ମୃତ୍ୟୁବରଣ କରିଥିବା କିନ୍ନରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉପସ୍ଥିତ ଥିବା କନ୍ନରମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୀପଦାନ କରିଥିଲେ।

# ମତ୍ସ୍ୟ କ୍ଷେତ୍ରରେ ଅଭିବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି : ଶ୍ରୀ ପୁରୁଷୋତ୍ତମ ରୂପାଲା




ଭୁବନେଶ୍ୱର,୨୧/୧୧ (ନି.ପ୍ର): ଦେଶରେ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି ଏବଂ ଭାରତ ସରକାର ୨୦୨୪-୨୫ ସୁଦ୍ଧା ଏହି କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ରପ୍ତାନି ଲକ୍ଷ୍ୟ ହାସଲ କରିବା ଲାଗି ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି ବୋଲି କହିଛନ୍ତି କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ଶ୍ରୀ ପୁରୁଷୋତ୍ତମ ରୂପାଲା। ଆଜି ଭୁବନେଶ୍ୱର ଠାରେ ଆୟୋଜିତ ବିଶ୍ୱ ମତ୍ସ୍ୟ ଦିବସ ଉପଲକ୍ଷେ ଶ୍ରୀ ରୂପାଲା ଏହା କହିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ରୂପାଲା କହିଥିଲେ ଯେ ସାମୁଦ୍ରିକ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ରାଜ୍ୟଗୁଡ଼ିକ ନୂତନ ବିକଳ୍ପ ସନ୍ଧାନ କରିବା ଏବଂ ପରସ୍ପରର କାର୍ଯ୍ୟରେ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି। କେନ୍ଦ୍ର ମନ୍ତ୍ରୀ ଆହୁରି କହିଥିଲେ ଯେ, ବର୍ତ୍ତମାନ ପରିବେଶ ଅନୁକୂଳ ମାଛ ଧରା ଉପରେ ଗୁରୁତ୍ୱାରୋପ କରାଯିବାର ଆବଶ୍ୟକତା ରହିଛି। ଆବଶ୍ୟକତା ପୂରଣ କରିବା ସହିତ ଏହି କ୍ଷେତ୍ରର ଦୀର୍ଘସ୍ଥାୟିତ୍ୱକୁ ବଜାୟ ରଖିବା ମଧ୍ୟ ଜରୁରି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ ୨୦୨୪-୨୫ ସୁଦ୍ଧା ଏହି କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ରପ୍ତାନି ଲକ୍ଷ୍ୟ ପାଇଁ ଭାରତ ସରକାର କାର୍ଯ୍ୟ କରୁଛନ୍ତି। କିସାନ କ୍ରେଡିଟ୍ କାର୍ଡ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ଲାଗି ଶ୍ରୀ ରୂପାଲା ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ସାମୁଦ୍ରିକ ମାଛ ଧରା କ୍ଷେତ୍ରକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବା ଲାଗି ଆମର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସରକାର କିଷାନ କ୍ରେଡିଟ୍ କାର୍ଡ ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି ଲାଗି ଖୁବଶୀଘ୍ର ଏକ ବଡ଼ ଅଭିଯାନ ଆରମ୍ଭ କରିବେ ବୋଲି ସେ ସୂଚନା ଦେଇଥିଲେ। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ମତ୍ସ୍ୟ, ପଶୁପାଳନ, ଏବଂ ଦୁଗ୍ଧ ଉତ୍ପାଦନ ରାଷ୍ଟ୍ରମନ୍ତ୍ରୀ ଡ. ଏଲ ମୁରୁଗାନ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମତ୍ସ୍ୟ କ୍ଷେତ୍ର ପାଇଁ ଏକ ସ୍ୱତନ୍ତ୍ର ମନ୍ତ୍ରଣାଳୟ ଗଠନ ପାଇଁ ପରିକଳ୍ପନା କରିଥିଲେ। ଖୁବ କମ୍ ସମୟ ମଧ୍ୟରେ ଏ କ୍ଷେତ୍ରରେ ରହିଥିବା ସମ୍ଭାବନାକୁ ସାକାର ରୂପ ଦିଆଯାଇଛି। ଦେଶ ଏବେ ଏହି କ୍ଷେତ୍ରରେ ୧ ଲକ୍ଷ କୋଟି ଟଙ୍କାର ଆୟ ସୃଷ୍ଟି କରିବା ଲାଗି ମହତ୍ୱାକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରଣ କରିଛି। ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା କାର୍ଯ୍ୟକାରୀ କରୁଛନ୍ତି ଏବଂ ଏହି ଯୋଜନା ଜରିଆରେ ୨୦ ହଜାର କୋଟି ଟଙ୍କାର ପାଣ୍ଠି ବିନିଯୋଗ କରାଯାଇଛି। ସରକାର ମଧ୍ୟ ସାମୁଦ୍ରିକ ଶୈବାଳ ଚାଷ ଉପରେ ମଧ୍ୟ ଗୁରୁତ୍ୱାରୋପ କରୁଛନ୍ତି। ଆମେ ମଧ୍ୟ ଏହି କ୍ଷେତ୍ରରେ ମତ୍ସ୍ୟଜୀବୀ ମହିଳାମାନଙ୍କ ସଶକ୍ତିକରଣ ଏବଂ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେବା ଉପରେ ଜୋର ଦେଉଛୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ଦେଶର ପାଞ୍ଚଟି ପ୍ରମୁଖ ବନ୍ଦର ମଧ୍ୟରୁ ଅନ୍ୟତମ ପାରାଦୀପକୁ ଏକ ବୃହତ ମାଛ ଧରା ବନ୍ଦର ଭାବେ ବିକଶିତ କରାଯାଉଛି। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ବାଲେଶ୍ୱର ଜିଲ୍ଲାକୁ ଦେଶର ଶ୍ରେଷ୍ଠ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଜିଲ୍ଲା ଭାବେ ପୁରସ୍କୃତ କରାଯାଇଥିଲା। ଆନ୍ଧ୍ରପ୍ରଦେଶ ଶ୍ରେଷ୍ଠ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ରାଜ୍ୟ ପୁରସ୍କାର ପାଇଥିବା ବେଳେ ତେଲଙ୍ଗାନାକୁ ଶ୍ରେଷ୍ଠ ଅନ୍ତରୀଣ ମଧୁର ଜଳ ମତ୍ସ୍ୟ ଉତ୍ପାଦନ ଜିଲ୍ଲା ପୁରସ୍କାର ଦିଆଯାଇଥିଲା। ଅନ୍ୟପକ୍ଷରେ ମଧ୍ୟପ୍ରଦେଶର ବାଲାଘାଟକୁ ଆଭ୍ୟନ୍ତରୀଣ ମଧୁର ଜଳ ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର ଦିଆଯାଇଥିଲା। ତ୍ରିପୁରାକୁ ଶ୍ରେଷ୍ଠ ପାର୍ବତ୍ୟ ମତ୍ସ୍ୟ ଉତ୍ପାଦନ ରାଜ୍ୟ ପୁରସ୍କାର ମିଳିଥିବା ବେଳେ ଆସାମର ବଙ୍ଗାଇଗାଓଁକୁ ଏହି ବର୍ଗରେ ଶ୍ରେଷ୍ଠ ଜିଲ୍ଲା ପୁରସ୍କାର ଦିଆଯାଇଥିଲା। ଏଥିପୂର୍ବରୁ ସମାରୋହ ପରିସରରେ ଚାଷୀ ଏବଂ ଉଦ୍ୟମୀମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପ୍ରଦର୍ଶନୀ ଷ୍ଟଲଗୁଡ଼ିକୁ କେନ୍ଦ୍ର ମନ୍ତ୍ରୀ ଏବଂ ଅତିଥିମାନେ ବୁଲି ଦେଖିଥିଲେ। ମତ୍ସ୍ୟଚାଷ କ୍ଷେତ୍ରରେ ବିଭିନ୍ନ ପୋଷ୍ଟର, ଜିଙ୍ଗଲ ମଧ୍ୟ କାର୍ଯ୍ୟକ୍ରମ ଅବସରରେ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

## ଚାଷକ୍ଷେତକୁ କାମ କରିବାକୁ ଯାଇ ନଦୀରେ ବୁଡ଼ି କୃଷକର ମୃତ୍ୟୁ



ଜଳେଶ୍ୱର, ୨୧/୧୧(ନିପ୍ର) : ନିଜର ଉତ୍ପନ ଧାନ ଚାଷ ପରଖିବାକୁ ଯାଇ ଜଣେ ଯୁବ କୃଷକର ପାଣିରେ ବୁଡ଼ି ମୃତ୍ୟୁ ଘଟଣାସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି। ଘଟଣାରୁ ପ୍ରକାଶ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ବାଇଗଣବାଡିଆ ପଂଚାୟତର ଆକନା ଗ୍ରାମର ଶ୍ରୀପତି ରଣାଙ୍କ ସାନପୁଅ ଗୋବିନ୍ଦ ରଣା ଓରଫ ବୁଧିଆ (୨୮) ସୁବର୍ଣ୍ଣରେଖା ନଦୀର ଓପରପଟେ ଥିବା ନିଜର ଚାଷ କ୍ଷେତ ଦେଖିବାକୁ ଯାଇଥିଲେ। ୧୯ ତାରିଖ ଶୁକ୍ରବାର ବେଳଓଳି ଘରୁ ବାହାରି ଯାଇଥିବା ବେଳେ ରାତିସୁଦ୍ଧା ନ ଫେରିବାରୁ ପରିବାର ପକ୍ଷରୁ ସମସ୍ତ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ । ଏ ସଂପର୍କରେ ଶନିବାର ନାମ୍ପୋ ଫାଣ୍ଡିରେ ଲିଖିତଭାବେ ଜଣାଇଥିଲା ବେଳେ ଆଜି ରବିବାର ସକାଳ ଗାଁ ପାଖ ନଦୀକୂଳ ଏକ ଡଙ୍ଗା ନିକଟରୁ ତାର ମୃତ ଦେହ ଭାସୁଥିବାର ଦେଖିବାକୁ ମିଳିଥିଲା । ପୁଲିସ୍ ସହାୟତାରେ ମୃତ ଦେହ ଆଣି ଜି.କେ.ଭଟ୍ଟର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି । ସରଳ ଜୀବନ ବିତାଉଥିବା ଅବିବାହିତ ଗୋବିନ୍ଦ ରଣାର ମୃତ୍ୟରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ଆଧ୍ୟାତ୍ମିକ କବିତା ଆସର

ବାରିପଦା, ୨୧/୧୧ (ନି.ପ୍ର): ମୁର୍ଗାକ୍ଷବାଡ଼ି ସ୍ଥିତ ବିଜ୍ଞାନ ଭବନ ପରିସରରେ ସାହିତ୍ୟ ସଂସ୍କୃତି ବିକାଶ ମଂଚ ତରଫରୁ ଏକ ଅଧ୍ୟାତ୍ମିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ମଂଚର ସଭାପତି ଡ଼ଃ ସରୋଜ ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସାରସ୍ୱତ ଆସରରେ ନନ୍ଦିଘୋଷ ସାହିତ୍ୟ ସମାଜର ସମ୍ପାଦକ ଜଗନ୍ନାଥ ସାହୁ ମୁଖ୍ୟ ଅତିଥି, ଏମକେସି ହାଇସ୍କୁଲର ଶିକ୍ଷକ କବି ଅମିତାଭ ମିଶ୍ର ମୁଖ୍ୟ ବକ୍ତା , ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ, ଶିକ୍ଷକ ବସନ୍ତ କୁମାର ଦତ ଓ ବିଷ୍ଣୁପଦ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାହିତ୍ୟରେ ଆଧ୍ୟାତ୍ମିକ ଚିନ୍ତା ଚେତନାର ପ୍ରଭାବ ସୁଦୂର ପ୍ରସାରୀ ବୋଲି ମତବ୍ୟକ୍ତ କରିବା ସହ ବ୍ୟକ୍ତିର ସାମୁହିକ ବିକାଶରେ ଯଥେଷ୍ଟ ପ୍ରଭାବ ପକାଇଥାଏ ବୋଲି କହିଥିଲେ । ଏହି ଅବସରରେ ଆୟୋଜିତ ଅଧ୍ୟାତ୍ମିକ କବିତା ପାଠ କାର୍ଯ୍ୟକ୍ରମରେ କବି କବୟିତ୍ରୀ ମନେ ସ୍ୱରଚିତ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମର ଶେଷରେ ପଚାଶ ବର୍ଷ ତଳେ କବି ଡ଼ଃ ନୀଳକଣ୍ଠ ମିଶ୍ରଙ୍କ ରଚିତ ଶିବ ସ୍ତୁତି ‘ଆହେ ଅମୃତ ଜ୍ୟୋତିଧର ସୁନ୍ଦରହେ‘ ଆବୃତ୍ତି କରାଯାଇଥିଲା ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୮ ଗିରଫ : ୬୫୪ ବାହନ ଜବତ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୮ ଜଣଙ୍କୁ ଗିର‘ ଜବତ କରା ଯାଇଛି । ୬୫୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୩,୧୩,୧୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ସମାଜସେବୀ ସାବିତ୍ରୀ ମିଶ୍ରଙ୍କ ପରଲୋକ



ଭଦ୍ରକ,୨୧/୧୧ (ନି.ପ୍ର): ପଶ୍ଚିମବଙ୍ଗ ହିନ୍ଦୀ ବିଶ୍ୱବିଦ୍ୟାଳୟର କୂଳପତି ପ୍ରଫେସର (ଡକ୍ଟର) ଦାମୋଦର ମିଶ୍ରଙ୍କ ପରମ ଆଦରଣିୟା ସମାଜସେବୀ ମା ସାବିତ୍ରୀ ମିଶ୍ର ୧୦୦ବର୍ଷ ବୟସରେ ତା ୧୮.୧୧.୨୦୨୧ରିଖ ଗୁରୁବାର ଦିନ ସକାଳ ୧୧ ଘଟିକା ସମୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଅସୁସ୍ଥତା କାରଣରୁ ଗୋଟିଏ ଦିନ ପୂର୍ବରୁ ଭଦ୍ରକ ଜିଲ୍ଲା ସଦର ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା ।ସେ ସମାଜସେବା କାର୍ଯ୍ୟରେ ନିଜକୁ ଉତ୍ସର୍ଗୀକୃତ କରିଥିଲେ ।ତାଙ୍କର ମୃତ୍ୟୁର ଖବର ପାଇବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା । ସେ ବୁଢ଼ି ମା’ ରୂପେ ଅଞ୍ଚଳରେ ସୁପରିଚିତ ଥିଲେ । ଆଖପାଖ ଅଞ୍ଚଳର ଲୋକମାନେ ଗୋଟିଏ ଦିନ ଉପବାସ ରଖି ବୁଢ଼ିମା’ଙ୍କ ପ୍ରତି ଗଭୀର ଶୋକ ବ୍ୟକ୍ତ କରିଥିଲେ । ସ୍ୱର୍ଗତ ସାବିତ୍ରୀ ମିଶ୍ରଙ୍କ ତିନିଝିଅ ପଦ୍ମାବତୀ, ଗୌରୀ ଏବଂ ପବିତ୍ର ତଥା ଦୁଇପୁତ୍ର ଦାମୋଦର ମିଶ୍ର ଏବଂ ଲମ୍ବୋଦର ମିଶ୍ରଙ୍କୁ ଛାଡ଼ି ଯାଇଛନ୍ତି । ଆଖପାଖ ଅଞ୍ଚଳର ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ବନ୍ତ ଗ୍ରାମ ଜିଲ୍ଲା ଭଦ୍ରକରେ ତାଙ୍କର ଅନ୍ତିମ ସଂସ୍କାର କାର୍ଯ୍ୟ କରାଯାଇଥିଲା । ତାଙ୍କର ଦୁଇପୁତ୍ର ବଧୂ ପ୍ରଣତି ମିଶ୍ର ଏବଂ ପଦ୍ମିନୀ ମିଶ୍ର ଏବଂ ନାତି ଏବଂ ନାତୁଣୀ ଜ୍ୱାଇଁ ତଥା ପଡ଼ୋଶୀମାନେ ପୁଷ୍ପମାଲ୍ୟା ପ୍ରଦାନ କରି ଶେଷ ଶ୍ରଦ୍ଧା ଅର୍ପଣ କରିଥିଲେ ।

## ବୀମା କର୍ମଚାରୀ ସଙ୍ଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା

### ବୀମା କର୍ମଚାରୀ ସଙ୍ଘର ଉପସଭାପତି ନାଥ ସିଂଙ୍କୁ ବହୁ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା



ବାରିପଦା,୨୧/୧୧ (ନି.ପ୍ର): କଟକ ଡିଭିଜନ ବୀମା କର୍ମଚାରୀ ସଙ୍ଘର ଉପସଭାପତି ନାଥ ସିଂ ଇତିମଧ୍ୟରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବାରିପଦାର ଏଲଆଇସି କାର୍ଯ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି ମାନଗୋବିନ୍ଦ ବାରିକ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଭାବରେ ସି.ଆଇ.ଟି.ୟୁ ର ନେତା ରବି ଗୋସ୍ୱାମୀ, ଏଲ.ଆଇ.ସିର ବ୍ରାଞ୍ଚ ମ୍ୟାନେଜର ପ୍ରଶାନ୍ତ କୁମାର ନନ୍ଦ, ଶିକ୍ଷକ ସଙ୍ଘର ନେତା ପ୍ରଫେସର ଗୋପବନ୍ଧୁ, ଏ.ଆଇ.ଟି.ୟୁ.ସି ର ନେତା ଜଗବନ୍ଧୁ ମିଶ୍ର, ନିର୍ମାଣ ସଙ୍ଘର ନେତା ଅମଲ ଦେ, ମଟର ଟ୍ରାନ୍ସପୋର୍ଟ କର୍ମଚାରୀ ସଙ୍ଘର ନେତା ରଘୁନାଥ ପଣ୍ଡା, ଓ.ଏସ.ଏସ.ଟି.ଏ ର ସଭାପତି ସନ୍ତୋଷ କାସ୍ଥା ଓ ଅନ୍ୟାନ୍ୟ ସଙ୍ଗଠନର କର୍ମକର୍ତା ନନ୍ଦ ମହାପାତ୍ର, ଗୋବର୍ଦ୍ଧନ ସିଂ, ଶରତ କୁମାର ବେହେରା, ସୁରେଶ ଚନ୍ଦ୍ର ଘୋଷ ପ୍ରମୁଖ ଯୋଗ ଦେଇ ସାଥି ନାଥ ସିଂ ଙ୍କର ତ୍ୟାଗ ଓ ସେବା, ଉତ୍ସର୍ଗୀକୃତ ମୋନଭାବ, ଅମାୟିକ ବ୍ୟବହାର ଓ ବିଭିନ୍ନ ସଙ୍ଗଠନକୁ ମଜବୁତ କରିବାର ଦକ୍ଷତା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଏହି ସଭାରେ ତାଙ୍କର ସହଧର୍ମିଣୀ ଶ୍ରୀମତୀ ବାସନ୍ତିଲତା ସିଂ ଓ ଡିଭିଜନାଲ ସାଙ୍ଗଠନିକ ସମ୍ପାଦକ ଗୋଲକ ବିହାରୀ ମହାରାଜ, ଶ୍ୟାମସୁନ୍ଦର ଜେନା, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଶ୍ରମିକ ଶ୍ରେଣୀପ୍ରତି ରହିତିବା ଆହ୍ୱାନ ଓ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ । ସରକାରଙ୍କ ଜନବିରୋଧୀ ଓ ଶ୍ରମିକ ବିରୋଧୀ ଓ କର୍ପୋରେଟ ସପକ୍ଷ ବାଦୀ ନୀତି ବିରୁଦ୍ଧରେ କୃଷକ ମାନଙ୍କ ପରି ବଳିଷ୍ଠ ଆନ୍ଦୋଳନ ଗଢି ତୋଳିବା ପାଇଁ ଶ୍ରମୀକ ନେତା ମାନେ ଆହ୍ୱାନ ଦେଇଥିଲେ । ପରିଶେଷରେ ବାରିପଦା ଶାଖାର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଶତାଧିକ ମହିଳା, କର୍ମଚାରୀ ଓ ବିଭିନ୍ନ ଗଣ ସଙ୍ଗଠନର ନେତୃମଣ୍ଡଳୀ ଯୋଗଦେଇ ନାଥ ସିଂ ଙ୍କର ଅବଦାନକୁ ଉଚ୍ଚ ପ୍ରସଂଶା କରିବା ସହିତ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଛନ୍ତି ।

## ବରିଷ୍ଠ ନାଗାରିକ ସୁରକ୍ଷା ମଂଚର ବାର୍ଷିକ ଉତ୍ସବ

ଜଳେଶ୍ୱର, ୨୧/୧୧(ନିପ୍ର) : ସମାଜରେ ବରିଷ୍ଠ ନାଗରିକଙ୍କୁ ଅଲୋଡା ଏବେ ସାମାଜିକ ବ୍ୟାଧିରେ ପରିଣତ ହୋଇଗଲାଣି । ସେମାନେ ନିଜକୁ ଅସୁରକ୍ଷିତ ମନେ କରୁଥିବା ବେଳେ ନିଜ ପରିବାରରେ ଏକ କୋଣଠେସା ହେଉଥିବା ସଂପର୍କରେ ଆଜି ରବିବାର ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲଟିର ଭଂଜଶ୍ରୀ ଭବନରେ ଅନୁଷ୍ଠିତ ସଭାରେ ମତ ପ୍ରକାଶ ପାଇଛି । ଜଳେଶ୍ୱର ବ୍ଲକରେ ଥିବା ବରିଷ୍ଠ ନାଗରିକ ସୁରକ୍ଷା ମଂଚର ବାର୍ଷିକ ଉତ୍ସବରେ ଡ. ଶ୍ରୀକାନ୍ତ ପାତ୍ର ସଭାପତିତ୍ୱ କରି ସାମାଜିକ ଓ ସରକାରୀ ସ୍ତରରେ ବରିଷ୍ଠ ନାଗରିକ ଅବହେଳିତ ଓ ଅବାଞ୍ଛିତ ହେଉଥିବା ସଂପର୍କରେ କହିଥିଲେ । ଅତିଥିଭାବେ ଡ. ଲଳିତ ରଂଜନ ସେନାପତି, ଡ. ରାମାକାନ୍ତ ଭଂଜ, ଡ. ଇଶ୍ୱର ଚନ୍ଦ୍ର ଜେନା, ଭାସ୍କାର ମିଶ୍ର ଓ ଅପର୍ଣ୍ଣା ଚୌଧୁରୀ ଯୋଗ ଦେଇ ବରିଷ୍ଠ ନାଗରିକମାନେ ସମାଜର ଦର୍ପଣ, ତେଣୁ ସେମାନଙ୍କ ଅନୁଭୁତି ଓ ଅଭିଜ୍ଞତାକୁ ପରିବର୍ତ୍ତୀ ପିଢି ପାଥେୟ କରିବା ଉଚିତ ବୋଲି କହିଥିଲେ । ବରିଷ୍ଠ ନେତା ଅରୁଣ ବେଜ ମଂଚ ଆହ୍ୱାନକରିଥିବା ବେଳେ ସୀତାଂଶୁ ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ସଭ୍ୟ ଦିଲ୍ଲିପ ଗିରି ମଂଚର ଭବିଷ୍ୟତ କାର୍ଯ୍ୟସୂଚୀ ସଂପର୍କରେ ସୂଚନା ଦେଇଥିବା ବେଳେ ସୁବ୍ରତ ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କପିଳେଶ୍ୱର ମହାନ୍ତି, ରାଜାରାମ କରଶର୍ମା, ଜିତାଂଶୁ ନନ୍ଦୀ, ଅବଦୁଲ ସମତ୍ ଖାଁ, ଇଂ ରାମଚନ୍ଦ୍ର ସାହୁ, ସିଦ୍ଧେଶ୍ୱର ପଣ୍ଡା, ଶରତ ଚନ୍ଦ୍ର ପରିଡା, ସୁନୀଲ ନାୟକ, ଶ୍ୟାମାଚରଣ ଦାସ, ଅବନୀ କୁମାର ଚାନ୍ଦ, ଗଣେଶ ଚନ୍ଦ୍ର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସଭାରେ ଏକ ଜରାନିବାସ ନିର୍ମାଣର ଆବଶ୍ୟକତା ଦୃଷ୍ଟିରୁ ଡ. ଲଳିତ ରଂଜନ ସେନାପତି ୧ଲକ୍ଷ ଟଙ୍କା ଦେବାଲାଗି ପ୍ରତିଶୃତି ଦେଇଥିବା ବେଳେ ଡ. ରମାକାନ୍ତ ଭଂଜ ବରିଷ୍ଠ ନାଗରିକ ମଂଚର କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଆବଶ୍ୟକ ସ୍ଥାନ ଯୋଗାଇ ଦେବେବୋଲି ପ୍ରତିଶୃତ ଦେଇଥିଲେ । ଆସନ୍ତା ୩ବର୍ଷ ଲାଗି ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । ଏଥିରେ ସଭାପତି ଭାବେ ଡ. ରମାକାନ୍ତ ଭଂଜ, କାର୍ଯ୍ୟକାରୀ ସଭାପତି ଭାସ୍କରଚନ୍ଦ୍ର ମିଶ୍ର, ସାଧାରଣ ସଂପାଦକ ଡ. ଲଳିତ ରଂଜନ ସେନାପତି, ସହ ସଂପାଦକ ଶ୍ରୀମନ୍ତ କୁମାର ଘୋଷ, ଯୁଗ୍ମ ସଂପାଦକ ଅପର୍ଣ୍ଣା ଚୌଧୁରୀ, କୋଷାଧ୍ୟକ୍ଷ ଶିଦ୍ଧେଶ୍ୱର ତ୍ରିପାଠୀ ଏବଂ କାର୍ଯ୍ୟକାରୀ ସଦସ୍ୟ ଭାବେ ଅରୁଣ କୁମାର ବେଜ, ସିତାଂଶୁ ସେନାପତି, ଦିଲ୍ଲିପ ଗିରି, ଜିତାଂଶୁ ନନ୍ଦି, ସୁବ୍ରତ ବେରା, ଅବଦୁଲ ସମ୍ମତ ଖାଁ, କପିଳେଶ୍ୱର ମହାନ୍ତି ରହିଛନ୍ତି । ଉପଦେଷ୍ଟାଭାବେ ଡ. ଶ୍ରୀକାନ୍ତ ଚରଣ ପାତ୍ର, ଡ. ଇଶ୍ୱର ଚନ୍ଦ୍ର ଜେନା, ଶ୍ୟାମାଚରଣ ଦାସ, ରାଜାରାମ କରଶର୍ମା ଓ ରମେଶ ଚନ୍ଦ୍ର ନାୟକଙ୍କୁ ମନୋନୀତ କରାଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗୌହ୍ୱାଟି ଏବଂ ମେଘାଳୟରେ....

ଏହି ଆହ୍ୱାନ କରିଛନ୍ତି । ଦୁଇଦିନିଆ ଆସାମ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଆଇଆଇଟି ଗୌହ୍ୱାଟିରେ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ର କ୍ରିୟାନ୍ୱୟନ ନେଇ ଏକ ପୁସ୍ତକର ଉନ୍ମୋଚନ ମଧ୍ୟ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଆଇଆଇଟି ଗୌହ୍ୱାଟିରେ ଉଦ୍‌ଘାଟିତ ହୋଇଥିବା ଅତ୍ୟାଧୁନିକ ନାନୋ ଉଦ୍ୟୋଗିକ କେନ୍ଦ୍ରରେ ଅନେକ ଉତ୍କର୍ଷ କେନ୍ଦ୍ର ଯଥା ଇନକୁବେଟର, ନାନୋ- ବାୟୋମ୍ୟାଟେରିଆଲ, ସ୍ୱାସ୍ଥ୍ୟ, ଶକ୍ତି ଏବଂ ଉର୍ଜା କ୍ଷେତ୍ରରେ ଗବେଷଣା ଓ ଶିକ୍ଷା ପାଇଁ ଅତ୍ୟାଧୁନିକ ଲାବ୍ରୋଟୋରୀ ରହିଛି। ଆଇଆଇଟି ଗୌହ୍ୱାଟି ଗବେଷଣାରେ ବିଶ୍ୱ ସ୍ତରରେ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବରେ ଆଗକୁ ବଢୁଛି। ବିପର୍ଯ୍ୟୟ ପରିଚାଳନା, ଜୈବ ବିବିଧତା ଆଧାରିତ ଗବେଷଣା, ସବୁଜ ଉର୍ଜାର ବିକାଶ, ଜ୍ଞାନ ଆଧାରିତ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ମ୍ନରେ ଉଦ୍ୟମିତାର ପ୍ରୋତ୍ସାହନ ଦେବା ଦିଗରେ ଏହି ଅନୁଷ୍ଠାନ ଏକ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଛି। ସମାଜର କଲ୍ୟାଣ ପାଇଁ ଆଇଆଇଟି ଗୌହ୍ୱାଟି ନବସୃଜନକୁ ବ୍ୟବହାର ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଉତର-ପୂର୍ବ ରାଜ୍ୟ ସମୂହ ଆଇଆଇଟି ଗୌହ୍ୱାଟି ସହଯୋଗରେ ସବୁଜ ଉର୍ଜାର ବିକାଶର ହବ୍ ହୋଇପାରିବ । ଏହି ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଟେକ୍ନୋଲୋଜି ଏବଂ ଜ୍ଞାନକୌଶଳକୁ ଉପଯୋଗ କରି ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ସୁଦୃଢ଼ ଇକୋସିଷ୍ଟମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରୋତ୍ସାହିତ କରିଛନ୍ତି।

## କୁଆଡ଼େ ଗଲା ମହାପ୍ରଭୁଙ୍କ....

୧୯୭୮ ମସିହାରେ ରତ୍ନଭଣ୍ଡାର ଖୋଲା ହୋଇ ଅଳଙ୍କାର ଗଣତି ହୋଇଥିଲା କେମିତି ? ତା’ସହ ୧୯୮୨ ମସିହାରେ କଳାହାଟ ଦ୍ୱାରର ରୁପା ଛାଉଣୀ ପାଇଁ ରତ୍ନଭଣ୍ଡାରରୁ ରୁପା ଆସିଲା କେମିତି ? ୧୯୮୫ ମସିହାରେ ବଡ଼ଠାକୁର ବଳଭଦ୍ରଙ୍କ ଚିତା ମରାମତି ପାଇଁ ସୁନା ଅଣାଗଲା କେମିତି ? ସବୁଠାରୁ ବଡ଼ କଥା ହେଉଛି ସେତେବେଳେ ରତ୍ନଭଣ୍ଡାର ଖୋଲିବାକୁ ଚାବି ଆସୁଥିଲା କେଉଁଠୁ ? ସେ ଚାବି କାହା ପାଖରେ ରହୁଥିଲା ? ଚାବି ଯାହା ପାଖରେ ରହୁନା କାହିଁକି ତାଙ୍କଠୁ ୨୦୧୮ ଏପ୍ରିଲ ୪ ତାରିଖରେ ଆଣି ୧୭ ଜଣିଆ ଯାଞ୍ଚ କମିଟି ଭିତର ରତ୍ନଭଣ୍ଡାର କାହିଁକି ଖୋଲିଲେ ନାହିଁ ? ଏଭଳି ଅସମାହିତ ପ୍ରଶ୍ନ କେବଳ କୋଟିକୋଟି ଜଗନ୍ନାଥ ପ୍ରେମୀଙ୍କୁ ନୁହେଁ, ଖୋଦ ଭଣ୍ଡାର ମେକାପଙ୍କୁ ମଧ ଚକିତ କରିଛି। ସେପଟେ ଭଣ୍ଡାର ମେକାପ କହିଛନ୍ତି, ଭିତର ରତ୍ନଭଣ୍ଡାରର ୩ଟି ଚାବିରୁ ଗୋଟିଏ ତାଙ୍କ ପାଖରେ ଥିଲା। ବାକି ଦୁଇଟିରୁ ଗୋଟିଏ ଗଜପତି ମହାରାଜା ଓ ଅନ୍ୟଟି ପୁରୀ କଲେକ୍ଟରଙ୍କ ପାଖରେ ରହିବା ନିୟମ ରହିଛି। ୨୦୧୮ ମସିହାରେ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ବେଳେ କଲେକ୍ଟର ଯେଉଁସବୁ ଚାବି ଆଣିଥିଲେ, ସେଥିରୁ କୌଣସି ଗୋଟିଏରେ ମଧ ତାଲା ଖୋଲିଲାନି। ତେବେ ରତ୍ନଭଣ୍ଡାର ମରାମତି ଅତି ଜରୁରୀ ବୋଲି କହିଛନ୍ତି ଭଣ୍ଡାର ମେକାପ। ୨୦୧୮ ମସିହା ପ୍ରାରମ୍ଭରେ ମହାପ୍ରଭୁ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଅସୁରକ୍ଷିତ ନେଇ ହଇଚଇ ସୃଷ୍ଟି ହୋଇଥିଲା। ଏହା ପରେ ଭିତର ଭଣ୍ଡାର ଚାବି ମିଳୁନଥିବା ଖବର ସାମ୍ନାକୁ ଆସିଥିଲା। ଯାହାକୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହାରି ଭିତରେ ୨୦୧୮ ମସିହା ଜୁନ ୧୩ ତାରିଖରେ ହଠାତ ପୁରୀ ରେକର୍ଡ ରୁମରୁ ଏକ ବନ୍ଦ ଲଫାଫାରୁ ଗୋଟିଏ ଡୁପ୍ଲିକେଟ୍ ଚାବି ମିଳିଥିବା ନେଇ ଘୋଷଣା କରିଥିଲେ ସେତେବେଳର ଜିଲ୍ଲାପାଳ। ତେବେ ଏଠି ପ୍ରଶ୍ନ ଉଠୁଛି ଟ୍ରେଜେରୀରେ ରହୁଥିବା ଚାବି ରେକର୍ଡ ରୁମ୍‌କୁ ଗଲା କେମିତି ? ଏହାକୁ ନେଇ ଭକ୍ତଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା। ଶେଷରେ ଭକ୍ତଙ୍କ ପ୍ରବଳ କ୍ଷୋଭ ଓ ବିରୋଧୀଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇ ରତ୍ନଭଣ୍ଡାର ଚାବି ହଜିବା ଘଟଣାର ନ୍ୟାୟିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ସରକାର।

## ଆଉ ଏକ ବିବାଦୀୟ ମନ୍ତବ୍ୟକୁ ନେଇ ....

ଏହାକୁ ପସନ୍ଦ କରୁଥିବା ଲୋକଙ୍କୁ ଅଭିନନ୍ଦନ’ । କେବଳ ଏତିକି ନୁହେଁ ନିଜ ଇନଷ୍ଟାଗ୍ରାମ ପୋଷ୍ଟରେ ସମଗ୍ର ଶିଖ୍ ସମ୍ପ୍ରଦାୟକୁ ଖଲିସ୍ତାନୀ ଆତଙ୍କବାଦୀ କହିବା ସହ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତି ଇନ୍ଦିରା ଗାନ୍ଧୀ ସେମାନଙ୍କୁ କିପରି ମଶା ଭଳି ଜୋତାରେ ଦଳିଦେଇଥିଲେ ‘ ବୋଲି ଦର୍ଶାଇଛନ୍ତି କଙ୍ଗନା । ଏହାକୁ ନେଇ ତାତି ଉଠିଛି ଶିଖ ସମ୍ପ୍ରଦାୟ । କଙ୍ଗଣା ନିଜର ଶସ୍ତା ଲୋକପ୍ରିୟତା ହାସଲ କରିବାକୁ ବାଚାଳଙ୍କ ଭଳି କଣ ନାହିଁ କ’ଣ କହିଯାଉଛନ୍ତି । ଅଯଥାରେ କୃଷି ଆନ୍ଦୋଳନକୁ ‘ ଖଲିସ୍ତାନୀ ଆନ୍ଦୋଳନ’ ବୋଲି କହି ବିପଦକୁ ଡାକୁଛନ୍ତି । ଏହାଦ୍ୱାରା ସମାଜରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ତୁରନ୍ତ କଙ୍ଗନାଙ୍କୁ ପାଗଲଖାନା ପଠାଯାଉ ନଚେତ୍ ଜେଲକୁ ପଠାଯାଉ ବୋଲି ‘ଦିଲ୍ଲୀ ଶିଖ ଗୁରଦ୍ୱାର ପରିଚାଳନା କମିଟି’ର ଅଧ୍ୟକ୍ଷ ତଥା ଅକାଳୀ ଦଳ ନେତା ମନଜୀନ୍ଦର୍ ସିଂହ ସିରସା କହିଛନ୍ତି । ଏହା ସହ ସେ କଙ୍ଗନାଙ୍କ ବିରୋଧରେ ମାମଲା ଦାଏର ମଧ କରିଛନ୍ତି । ପୂର୍ବରୁ ନିଜ ବିବାଦୀୟ ମନ୍ତବ୍ୟକୁ ନେଇ କଙ୍ଗନା ଯେତେବେଳେ ମହାରାଷ୍ଟ୍ରରେ ଶିବସେନାର କ୍ରୋଧର ଶିକାର ହୋଇଥିଲେ ସେତେବେଳେ ତାଙ୍କୁ ଘଣ୍ଟ ଘୋଡାଇଥିଲା ବିଜେପି । ଏପରିକି ନିକଟରେ ସେ ସ୍ୱାଧିନତାକୁ ନେଇ ଯେଉଁ କଟୁ ମନ୍ତବ୍ୟ ଦେଲେ ସେ ବାବଦରେ ମଧ ବିଜେପି କିଛି ନକହି ଚୁପ୍ ରହି ବିରୋଧରେ ତାଙ୍କୁ ବଞ୍ଚାଇଥିଲେ ।

## ମୃତ ଚାଷୀଙ୍କ ପରିବାରକୁ ୩ ଲକ୍ଷ....

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର କହିଛନ୍ତି । ଶିଖ ମାନଙ୍କର ମୁଖ୍ୟ ପର୍ବ ଗୁରୁ ପର୍ବ ପୂର୍ବରୁ ନୂଆ କୃଷି ନୀତି ପ୍ରତ୍ୟାହାର କରିବାକୁ ଶୁକ୍ରବାର ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ‘ଚାଷୀ ଭାଇଙ୍କ ହିତ ପାଇଁ ଏହି ଆଇନ୍ ପ୍ରସ୍ତୁତ ହୋଇଥିଲା । ହେଲେ ସାଧନାରେ କିଛି ତ୍ରୁଟି ରହିଗଲା ବୋଧହୁଏ । ଯାହା ଫଳରେ କିଛି ଚାଷୀ ଭାଇଙ୍କୁ ଏହାର ସୁଫଳ ବୁଝାଇବାକୁ ଅସମର୍ଥ ହେଲା ଆମ ସରକାର । ତେଣୁ ଏହି ନୂଆ କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ହୋଇଛି ।

## ଚୋରି ହେବାର ୨୪ଘଣ୍ଟା ପରେ....

ସନ୍ତୋଷିନୀଙ୍କ ସହିତ ତାଙ୍କ ଶାଶୁ ମଧ ରହିଥିଲେ । ସକାଳୁ ସନ୍ତୋଷିନୀ ଶୌଚ ପାଇଁ ଯାଇଥିବା ବେଳେ ଜଣେ ଅଜଣା ମହିଳା ତାଙ୍କ ଶାଶୁଙ୍କ ନିକଟକୁ ଆସି ଛୁଆକୁ ଟିକା ଦେବାକୁ କହି ନେଇଯାଇଥିଲେ । କିଛି ସମୟ ଅପେକ୍ଷା କରିବା ପରେ ଖୋଜାଖୋଜି କରିବାରୁ ନମିଳିବାରୁ ଶିଶୁ ଚୋରି ହୋଇଥିବା ଅଭିଯୋଗ କରିଥିଲେ । ବାରମ୍ବାର ଶିଶୁ ଚୋରି ହେଉଥିବା ଅଭିଯୋଗ ଆସୁଛି ।

## ଗ୍ୟାସ ମୂଲ୍ୟବୃଦ୍ଧିକୁ ଯଥାର୍ଥତା....

ସିଲିଣ୍ଡର ପିଛା ୪୧୪ ଟଙ୍କାରେ କିଣୁଥିବାବେଳେ ବର୍ତ୍ତମାନ ଏହା ୯୨୬ ଟଙ୍କାରେ ପହଞ୍ଚିଛି, ଯାହାକି ୧୨୩% ବୃଦ୍ଧି ପାଇଛି । ଫେବୃଆରୀ ୨୦୧୪ ତୁଳନାରେ ଯେତେବେଳେ ଆନ୍ତର୍ଜାତୀୟ ଗଂଚାସ ଦର ମୂଲ୍ୟ ୧୫% କମ୍ ରହିଛି ସେତେବେଳେ ଗରିବ ଏବଂ ମଧ୍ୟବିତ୍ତ ପରିବାରଗୁଡିକୁ ରନ୍ଧନ ଗ୍ୟାସ୍ ପାଇଁ ୧୨୩% ଅଧିକ ଦେବାକୁ ବାଧ୍ୟ କରାଯାଉଛି କାହିଁକି ? ଏହି ଟଙ୍କା କୁଆଡେ ଗଲା ଯାହା ଓଡିଶାର ଗରିବ ଏବଂ ମ୍ନବତ୍ତ ପରିବାରରୁ ନିଆଯାଇଥିଲା ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଶ୍ରୀମତୀ ସାମନ୍ତସିଂହାର ଜଣେ ଶିକ୍ଷିତା ମହିଳା, ସେ ଏତେ ମିଛ କାହିଁକି କହୁଛନ୍ତି ? ସେ ମିଥ୍ୟା ପ୍ରଚାର ବନ୍ଦ କରିବା ଉଚିତ ଏବଂ ଓଡିଶାର ଗରିବ ଏବଂ ମ୍ନବିତ୍ତ ଲୋକଙ୍କୁ ଅଧିକ ଆଘାତ ଦେବା ଉଚିତ ନୁହେଁ । ରନ୍ଧନ ଗ୍ୟାସର ମୂଲ୍ୟ ହ୍ରାସ କରିବା ପରିବର୍ତ୍ତେ, ବୃଦ୍ଧିର ଯଥାର୍ଥତା ଦର୍ଶାଇବା ହେଉଛି ଓଡିଶାର ରୋଷେଇ ଘର ପାଇଁ ବେଡି ଉପରେ କୋରଡା ମାଡ ଭଳି । ଓଡ଼ିଶାର ମା’ ଓ ଭଉଣୀମାନେ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧିକୁ ଯଥାର୍ଥତା ଦର୍ଶାଇବା ପାଇଁ ଓଡିଶା ବିଜେପି ଏବଂ ଶ୍ରୀମତୀ ସାମନ୍ତସିଂହାରଙ୍କୁ ଆଦୌ କ୍ଷମା କରିବେ ନାହିଁ ଯାହା ଓଡିଶାର ଲକ୍ଷ ଲକ୍ଷ ଲୋକ ଏବଂ ପରିବାର ଉପରେ ଅଧିକରୁ ଅଧିକ ଚାପ ସୃଷ୍ଟି କରିବାରେ ଲାଗିଛି ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ।

## ଏନଏସଏସର ଶୀତକାଳୀନ ସ୍ୱତନ୍ତ୍ର ଶିବିର

### ସମାଜର ହିତ ସାଧନ ପାଇଁ ତ୍ୟାଗପୂତ, ଏକାଗ୍ରତା ଓ ଶୃଙ୍ଖଳା ଜରୁରୀ



ବାରିପଦା,୨୧/୧୧ (ନି.ପ୍ର): ବାରିପଦା ସ୍ଥିତ ସାଲ୍ଲିଦ୍ୟା ମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ସାତ ଦିବସୀୟ ଶୀତକାଳୀନ ସ୍ୱତନ୍ତ୍ର ଶିବିରର ଦ୍ୱିତୀୟ ଦିବସର ପ୍ରଥମେ ପୂର୍ବାହ୍ନରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ସ୍ୱରୂପ କୁମାର ଶତପଥୀ ପରିଚାଳନା କରିଥିବା ସ୍ଥଳେ ଅପରାହ୍ନରେ ମୁଖ୍ୟ ଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲାର ଜାତୀୟ ସେବା ଯୋଜନାର ଅତିରିକ୍ତ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଚନ୍ଦ୍ର ଶେଖର ମହାନ୍ତ ଯୋଗ ଦେଇ ଦେଶ ସ୍ୱାଧୀନ ସମୟରେ ଦେଶର ବଳିୟାନ ମହାପୁରୁଷ ମହାତ୍ମା ଗାନ୍ଧୀ, ଗୋପବନ୍ଧୁ ଦାସଙ୍କର ଜୀବନ ସମ୍ପର୍କରେ ଆତ୍ମଜୀବନୀ ମାଧ୍ୟମରେ ସେବାର ମନବୃତ୍ତି ସମ୍ପର୍କରେ ଆଲୋଚନା କରିବା ସହିତ ସ୍ୱେଚ୍ଛାସେବୀ ମାନଙ୍କୁ ଉପଦେଶ ଦେଇଥିଲେ । ମନକୁ ଏକପ୍ରାଣ ହୋଇ ସମାଜର ହିତ ସାଧନ ପାଇଁ ତ୍ୟାଗପୂତ, ଏକାଗ୍ରତା ଓ ଶୃଙ୍ଖଳା ମାଧ୍ୟମରେ ନିଜ ଅଂଚଳର ସେବା କରିବା ଦରକାର ବୋଲି କୁହାଯାଇଛି । ସରକାରଙ୍କ ସେବା ଯୋଜନା ମାଧ୍ୟମରେ ବିନା ମୂଲ୍ୟରେ ସମାଜର ସେବା ସହିତ ଦକ୍ଷତାର ପ୍ରତିବାଦନ କରିହେବ । ମୁଖ୍ୟ ବକ୍ତା ରୂପେ ଡ଼ଃ ଦେବେଶ ଶଙ୍କର ହୋତା, ଛାତ୍ର ଜୀବନରେ ଶୃଙ୍ଖଳା ଏବଂ ଶିକ୍ଷା ମାଧ୍ୟମରେ ଜୀବନକୁ ଗଢି ତୋଳିବା ସହିତ ଜାତୀୟ ସେବା ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଏହି ସମୟରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲାର ଗର୍ବ ପୂର୍ବତନ ଏନଏସଏସ ସ୍ୱେଚ୍ଛାସେବୀ ଜନ୍ମଜୟ ଗିରି ଓ ସୁବ୍ରତ ଦାସ, ଅନୁଷ୍ଠାନର କ୍ରୀଡା ଶିକ୍ଷକ ଶିବାନନ୍ଦ ଦାସ ଓ ସିଇଓ ପ୍ରତିଚି ରଞ୍ଜନ ରାଉତ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ଉପଦେଶ ଦେଇଥିଲେ ।

# ଗୋଟିଏ ଦିନରେ ୨୦୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୧/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୦୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୪୭୦୦୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୪୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୬ ହଜାର ୨୩୦ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୨୭ ରହିଛି । ଆଜି ଚିହ୍ନଟ ହୋଇଥିବା ୨୦୫ ଜଣଙ୍କ ମଧ୍ୟରୁ ୧୧୯ ଜଣ ସଂଗରୋଧରୁ ହୋଇଥିବା ବେଳେ ୮୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୦୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମ୍ଭରେ ଅନୁଗୁଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୧୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଓ ଗଜପତି ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରୁ ୩ ଜଣ, ଯାଜପୁରରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ରାଜ୍ୟସ୍ତରୀୟ ୧୨୨ତମ ଡ଼ ହରେକୃଷ୍ଣ ମହତାବ ଜୟନ୍ତୀ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ରାଜ୍ୟସ୍ତରୀୟ ୧୨୨ତମ ଡ଼ ହରେକୃଷ୍ଣ ମହତାବ ଜୟନ୍ତୀ ରାଜଧାନୀରେ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଜୟନ୍ତୀ କମିଟି ପକ୍ଷରୁ ପିଏମ୍‌ଜି ଛକ ଠାରେ ଏକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଥିଲେ। ସେ ଏହି ଅବସରରେ କହିଥିଲେ ଯେ, ରାଜ୍ୟରେ ମହତାବଙ୍କ ଅବଦାନ ଅତୁଳନୀୟ। ଭୁବନେଶ୍ୱରକୁ ରାଜଧାନୀ କରିବା ଓ ହୀରାକୁଦ ଡ୍ୟାମ୍ ହେବା ତାଙ୍କର ଅବଦାନ। ମହାତାବଙ୍କ ବିନା ଇତିହାସ ଯେପରି ଲେଖାଯାଇ ନପାରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ବିନା ମହତାବ ଜୟନ୍ତୀ ପାଳନ କରାଯାଇନପାରେ। ଏହି ଅବସରରେ ସୁର ରାଉତରାୟଙ୍କୁ କରୋନା ହୋଇଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କଂଗ୍ରେସର ବରିଷ୍ଠ ବିଧାୟକ ତାରା ବାହିନୀପତି କହିଥିଲେ ଯେ, ମହତାବ ଯେଉଁ ଇତିହାସ ରଚିଯାଇଛନ୍ତି ତାହା ସଦା ସ୍ମରଣୀୟ। ସେହିପରି ଅନ୍ୟତମ ଅତିଥି ପୂର୍ବତନ ବିଧାୟକ ଭୂଜବଳ ମାଝି, ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାଶ ପ୍ରମୁଖ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ସାମ୍ବାଦିକ ସନତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କ୍ୟାପଟେନ୍ ମନ୍ମଥ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଭୁବନେଶ୍ୱର ଡିସିପି ଉମାକାନ୍ତ ଦାଶ, କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ ଡ଼ ଲକ୍ଷ୍ମୀଧର ସାହୁ, ଡେପୁଟି ସୁପରିଟେଣ୍ଡେଂଟ୍ ଧନଞ୍ଜୟ ଦାଶ, ଡ. ଏସ୍.ଏନ୍. ନନ୍ଦ, ଡ.ଏସ୍.କେ. ମେହେର, ଶିକ୍ଷାବିତ ନିକୁଞ୍ଜବିହାରୀ ରାଉତରାୟ, ପାଇକ ସର୍ଦ୍ଦାର ସୁବାଷଚନ୍ଦ୍ର ଜେନା, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଂଟିଆ, ଶବବାହକ ପ୍ରଦୀପ୍ତ କୁମାର ପୃଷ୍ଟି, ତାଳଚେର ସୋସିଆଲ ଡେପଲପମେଂଟ୍ ଫାଉଣ୍ଡେସନ୍, ଅଧ୍ୟାପକ ଉମାକାନ୍ତ ପାତ୍ର, ସମାଜସେବୀ ସମିର ଚାନ୍ଦ, ସରୋଜ ମହାନ୍ତିଙ୍କୁ ଡ଼. ହରେକୃଷ୍ଣ ମହତାବ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ସେଠାରୁ ପାଇକଦଳ ବନାଟି, କୁସ୍ତି, ପାରମ୍ପରିକ ଖଣ୍ଡା, ବାଡ଼ି ଖେଳ ପ୍ରଦର୍ଶନ କରି ରାମେଶ୍ୱର ପାଟଣାକୁ ଯାଇଥିଲେ। ସେଠାରେ ବିଷ୍ଣୁପ୍ରସାଦ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସନତ ମିଶ୍ର, କ୍ୟାପଟେନ୍ ମନ୍ମଥ ରାଉତରାୟ ଓ ଜୟନ୍ତୀ କମିଟିର ସଂଯୋଜକ ଜୟକୃଷ୍ଣ ମଲିଆ ଅତିଥି ଭାବେ ଯୋଗଦେଇ ଚଳଚ୍ଚିତ୍ର ପ୍ରଯୋଜକ ଯୋଗେନ୍ଦ୍ର ରାଉତରାୟ, ଶିକ୍ଷାବିତ୍ ଶୁଭେନ୍ଦୁ ପାଣି, ଗୀତିକାର ଶୁଭାସିନୀ ସାମନ୍ତ ଓ ସାହିତ୍ୟକ ବଳରାମ ତରାଇଙ୍କୁ ଡ଼. ମହତାବ ସମ୍ମାନ ପ୍ରଦାନ କରିଥିଲେ।

# ହେରିଟେଜ୍ ରାଇଡରେ ଭାଗନେଲେ ଛାତ୍ର ଛାତ୍ରୀ

ପୁରୀ,୨୧/୧୧ (ନି.ପ୍ର): ପୁରୀ ସହରର ପ୍ରାଚୀନ ମଠ, ମନ୍ଦିର ଏବଂ ଆଶ୍ରମ ସମ୍ପର୍କରେ ଆଗାମୀ ପିଢୀକୁ ତଥ୍ୟଭିତ୍ତିକ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଆରମ୍ଭ ହୋଇଛି 'ହେରିଟେଜ୍ ୱାକ୍ ଆଣ୍ଡ ରାଇଡ୍' । ଏହି କ୍ରମରେ ଆଜି ନୀଳାଦ୍ରି ବେଳାଭୂମୀରୁ ସୁଖଲତା ସ୍ମୃତି ସରକାରୀ ଉଚ୍ଚବାଳିକା ବିଦ୍ୟାଳୟର ୩୪ ଜଣ ଛାତ୍ର ଛାତ୍ରୀ ପ୍ରଥମେ ପୁରୀ ପୌରସଂସ୍ଥା ଠାରେ ପହଞ୍ଚିବା ପରେ ସେଠାରେ ସେମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ଅବଗତ କରାଯାଇଥିଲା । ଏହା ପରେ ସେମାନେ କବୀର ଚୌରା, ଶଙ୍କରାଚାର୍ଯ୍ୟମଠ ,ବାଉଳିମଠ, କରାଳ ଆଶ୍ରମ ଓ ତୋଟାଗୋପୀନାଥ ପ୍ରଭୃତି ବୁଲି ଦେଖିବା ସହିତ ଐତିହ୍ୟସ୍ଥଳ ସମ୍ପର୍କରେ ପଚାରି ବୁଝିଥିଲେ। ଗାଇଡ୍ ସିଦ୍ଧାର୍ଥ ଆଚାର୍ଯ୍ୟ ଐତିହ୍ୟସ୍ଥଳ ସମ୍ପର୍କରେ ଛାତ୍ର ଛାତ୍ରୀମାନଙ୍କୁ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଆଜିର 'ହେରିଟେଜ୍ ୱାକ୍ ଆଣ୍ଡ ରାଇଡ୍' ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ୍, ଇକୋ ଟ୍ୟୁରିଜିମ୍ କ୍ଲବର ମଞ୍ଜୁଶ୍ରୀ ସେନ୍,ଶାନ୍ତି ରଞ୍ଜନ ମିଶ୍ର, ସତ୍ୟବ୍ରତ ସାହୁ,ନଟବର ସାହୁଙ୍କ ସମେତ ବେୟାରଫୁଟ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଉପସ୍ଥିତଥିଲେ। ସୂଚନାଯୋଗ୍ୟଯେ, ପୁରୀର ଉନ୍ନତ ତଥା ଐତିହ୍ୟପୂର୍ଣ୍ଣ ସ୍ଥାନର ମହାତ୍ମ୍ୟ ଓ ପ୍ରାଚୀନ ପରମ୍ପରାର ଅନାଲୋଚିତ ଦିଗ ସମ୍ପର୍କରେ ଅବଗତ କରାଇବା ଲାଗି ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ତତ୍ତ୍ୱାବଧାନରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ପ୍ରତି ରବିବାର ହେଉଥିବା ଏହି ୱାକ୍ ଆଣ୍ଡ ରାଇଡ୍‌ରେ ପର୍ଯ୍ୟଟକ, ବରିଷ୍ଠ ନାଗରିକ ଓ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯାଉଛି।

# କୋରେକ୍ସ ଜବତ, ଅଭିଯୁକ୍ତ ଗିରଫ

ପୁରୀ,୨୧/୧୧ (ନି.ପ୍ର): ଅର୍ବାନହାଟରେ ବେଆଇନ ଭାବେ କୋରେକ୍ସ ବିକ୍ରି କରୁଥିବା ଅଭିଯୋଗରେ ୱାଟର ୱ୍ୱାକ୍ସ ରୋଡ଼ ରାମ ମନ୍ଦିର ନିକଟର ଗୁଡୁଜାଲି (୨୨)କୁ ସମୁଦ୍ରକୂଳ ଥାନା ପୁଲିସ ଗିରଫ କରିଛି। ଗୁଡୁ ନିକଟରୁ ୨୦ ବୋତଲ କୋରେକ୍ସ(ପ୍ରତିବୋତଲରେ ୧୦୦ମିଲିଗ୍ରାମ୍) ଜବତ କରାଯାଇଛି । ଗତକାଲି ସନ୍ଧ୍ୟାରେ ଏଏସ୍‌ଆଇ ପ୍ରାଣକୃଷ୍ଣ ବେହେରା ଥାନାର ଅନ୍ୟ କର୍ମଚାରୀମାନଙ୍କ ସହିତ ପାଟ୍ରୋଲିଂ କରୁଥିବା ସମୟରେ ୟୁଥ୍ ହଷ୍ଟେଲ ନିକଟସ୍ଥ ଅର୍ବାନହାଟରେ ଜଣେ ବ୍ୟକ୍ତି ବେଆଇନ୍‌ଭାବେ କୋରେକ୍ସ ବିକ୍ରି କରୁଥିବା ଖବର ପାଇଥିଲେ। ଖବର ଆଧାରରେ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଧରିବାକୁ ସେଠାରେ ଚଢାଉ କରିଥିଲା। ଚଢାଉ ସମୟରେ ଗୁଡୁ ନିକଟରୁ ୨୦ ବୋତଲ କୋରେକ୍ସ ଜବତ କରାଯାଇଥିଲା। ଅଭିଯୁକ୍ତ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ବିଭିନ୍ନ ଧାରା ଓ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ଆକ୍ଟରେ ମାମଲା ରୁଜୁ କରି ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ସମୁଦ୍ରକୂଳ ଥାନା ଆଇଆଇସି କହିଛନ୍ତି।

# ଗତ ୨୪ ଘଂଟା ମଧ୍ୟରେ ଭୁବନେଶ୍ୱରରେ ୧୦୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧/୧୧ (ନି.ପ୍ର): ଆଜି ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ୧୦୧ ଜଣ କରୋନା ପଜେଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲୋକାଲ କଂଟାକ୍ଟ ୭୪ ଏବଂ କ୍ୱାରେଂଟିନରୁ ୨୭ ଜଣ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ସୂଚନା ମୁତାବକ ଗତ ୨୪ ଘଂଟା ମଧ୍ୟରେ ୯୬ଜଣ ସୁସ୍ଥ ହୋଇଛନ୍ତି । ଏହାସହିତ ଭୁବନେଶ୍ୱରରେ ମୋଟ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ି ୧,୨୦,୫୫୫ରେ ପହଂଚିଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ୧,୧୭,୫୧୫ ରହିଛି । ସେହିପରି ୨୫୪୧ଟି ସକ୍ରିୟ ମାମଲା ଥିବାବେଳେ ୧୦୭୮ଜଣ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ବୋଲି ସୂଚନା ମିଳିଛି।

# ବିଶ୍ୱ ମତ୍ସ୍ୟ ଦିବସ ପାଳନ ଅବସରରେ ସଚେତନତା ଧର୍ମୀ ପ୍ରଶିକ୍ଷଣ କର୍ମଶାଳା

ଭଦ୍ରକ, ୨୧/୧୧ (ନି.ପ୍ର): ଜିଲ୍ଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଉକ୍ତ ବିଭାଗ ସମ୍ମିଳନୀ କକ୍ଷରେ ଆଜି ବିଶ୍ୱ ମତ୍ସ୍ୟ ଦିବସ-୨୦୨୧ ପାଳନ ଅବସରରେ ଏକ ଜିଲ୍ଲାସ୍ତରୀୟ ସଚେତନତା ଧର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ସରମଙ୍ଗା ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରର ପରିଚାଳକ ବିକାଶ ରଞ୍ଜନ ପଣ୍ଡା ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏଥିରେ ଯୋଗ ଦେଇଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ୭ଟି ବ୍ଲକରୁ ୩୫ ଜଣ ଉପସ୍ଥିତ ଥିଲେ । ଜିଲ୍ଲାରେ ମତ୍ସ୍ୟଚାଷ ନେଇ ସମ୍ଭାବନା ଥିବା ବିଭିନ୍ନ ଦିଗ ଉପରେ ଆଲୋପାତ କରିବାକୁ ଯାଇ ମୁଖ୍ୟ ଅତିଥି ଗ୍ରାମାଞ୍ଚଳରେ ନିଲାମ ହୋଇ ନପାରି ରହିଯାଇଥିବା ବଡ଼ ବଡ଼ ପୋଖରୀ ଗୁଡ଼ିକୁ ନିଲାମ ନେଇ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ସଦସ୍ୟମାନେ ମତ୍ସ୍ୟ ଚାଷ ଜରିଆରେ ଅର୍ଥନୈତି ବିକାଶ କରିପାରିବେ । କୃଷି ବିଜ୍ଞାନ କେନ୍ଦ୍ରର ମତ୍ସ୍ୟ ବୈଜ୍ଞାନିକ ଡ଼. ବିଶ୍ୱ ରଞ୍ଜନ ସାମନ୍ତରାୟ ଉପସ୍ଥିତ ହୋଇ ମାଛ ଚାଷର ଲାଭାଂଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାର ୭ ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ ଏବଂ ୩ ଜଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିରିକ୍ତ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ଦାସ, ଅଶୋକ ଇନ୍ଦୁପାର, ସହକାରୀ ମତ୍ସ୍ୟ ଅଧିକାରୀ ସୁଶ୍ରୀ ରତ୍ନମଞ୍ଜରୀ ସେନାପତି, ଋତୁପର୍ଣ୍ଣା ସାସ୍‌ମଲ ପ୍ରମୁଖ ବିଭିନ୍ନ ସରକାରୀ ଯୋଜନା ଆଧାରରେ ମତ୍ସ୍ୟ ପୋଖରୀ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ବାୟୋଫ୍ଲକ୍ ପଦ୍ଧତିରେ ମାଛ ଚାଷ ଆଦି ସମ୍ବନ୍ଧରେ ଚାଷୀମାନଙ୍କୁ ବୁଝାଇଥିଲେ ।

# ଡ.ହରେକୃଷ୍ଣ ମହତାବଙ୍କ ଜନ୍ମ ଜୟନ୍ତି ପାଳିତ



ଖଇରା, ୨୧/୧୧ (ନିପ୍ର) ଡ.ହରେକୃଷ୍ଣ ମହତାବ ମହାବିଦ୍ୟାଳୟ, କୁପାରୀ କ୍ରାନ୍ତୀଭାରତୀ ତରଫରୁ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ.ହରେକୃଷ୍ଣ ମହତାବଙ୍କ ୧୨୨ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି। ଅଧ୍ୟକ୍ଷ ରାମଚନ୍ଦ୍ର ଭୂୟାଁଙ୍କ ପୌରହିତ୍ୟରେ ମହତାବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଶ୍ରୀ ଭୂୟାଁ ଡ.ମହତାବ ଓଡିଶାରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ଅବଦାନ ବିଷୟରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିନୋଦ କୁମାର ନାୟକ, ଗଗନ ବିହାରୀ ରାଉତ,ଯୁଧିଷ୍ଠିର କୁଅଁର, ସୁରେନ୍ଦ୍ର ନାଥ ରାଉତ, ଲିଙ୍ଗରାଜ କର, ପ୍ରାଧ୍ୟାପିକା ଫୁଲମଣି ଦେଇ, ଅଧ୍ୟାପିକା ମାଳତୀ ଲତା ହାତୀ, ଗୀତାଞ୍ଜଳୀ ମହୁରୀ ଓ ଅଧ୍ୟାପକ ଦତ୍ତାତ୍ରେୟ ଦାଶ ପ୍ରମୁଖ ବକ୍ତାଭାବେ ଯୋଗଦେଇ ମହତାବଙ୍କ ଓଡିଶା ଗଠନରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । କ୍ରାନ୍ତୀଭାରତୀର ଉପଦେଷ୍ଟା ଅଧ୍ୟାପିକା ଡ.ସଙ୍ଗୀତା ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସହ ଉପଦେଷ୍ଟା ଅଧ୍ୟାପକ ଦୀପକ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟାପକ ସୁକାନ୍ତ ଗିରିଙ୍କ ପୁସ୍ତକ 'ମୁଁ ଉତ୍ତର ବାଲେଶ୍ୱରିଆ' ଉନ୍ମୋଚିତ



ବାଲେଶ୍ୱର,୨୧/୧୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତାର୍ଥ ଶାନ୍ତିକାନନଠାରେ ଅଧ୍ୟାପକ ସୁକାନ୍ତ ଗିରିଙ୍କ ପ୍ରବନ୍ଧ ପୁସ୍ତକ 'ମୁଁ ଉତ୍ତର ବାଲେଶ୍ୱରିଆ' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ 'ରେବତୀ' ସଂପାଦିକା ତଥା ସମାଜସେବୀ ସୁବାସିନୀ ଜେନା ପୁସ୍ତକଟିକୁ ଉନ୍ମୋଚନ କରି ଏକ ସୁନ୍ଦର ଗଛର ଉଦାହରଣ ଦେବା ସହ ଦୃଢ଼ ଇଚ୍ଛାଶକ୍ତି ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା ଫଳରେ ଓଡ଼ିଆ ଲେଖକମାନେ ଓଡ଼ିଶାକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରାଇ ପାରିଛନ୍ତି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ତଥା ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକଟିକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରିପ୍ରେକ୍ଷୀରେ କହିଲେ ଯେ ଶିକ୍ଷାଦୀକ୍ଷା, ସାହିତ୍ୟ, ସଂସ୍କୃତି, ଅତିଥିପରାୟଣତା ଇତ୍ୟାଦି ସବୁ କ୍ଷେତ୍ରରେ ଉତ୍ତର ଓଡ଼ିଶାବାସୀଙ୍କ ସ୍ୱାତନ୍ତ୍ର୍ୟ ରହିଛି। 'ମୁଁ ଉତ୍ତର ବାଲେଶ୍ୱରିଆ'ପୁସ୍ତକଟି ଯୁବ ଗବେଷକମାନଙ୍କ ପାଇଁ ଏକ ପାହାଚ ସଦୃଶ। ସମ୍ମାନିତ ଅତିଥି ଗାଳ୍ପିକ ନିବାରଣ ଜେନା, ବ୍ରଜେନ୍ଦ୍ର ଗିରି ଓ ଡ. ବିକ୍ର ଦେ ଉତ୍ତର ଓଡ଼ିଶାର ଐତିହ୍ୟ ଓ ପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସୁକାନ୍ତ ଗିରି ଲେଖକୀୟ ଅଭିବ୍ୟକ୍ତି ରଖିଥିବାବେଳେ ପରିଷଦର ସାଧାରଣ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା କହିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ପୁସ୍ତକ ଉପରେ ଆଧାରିତ ଏକ ସୁନ୍ଦର ସଙ୍ଗୀତ ଗାନ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିବାବେଳେ ସୁଷମାରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଅରୁଣା ରାୟ, ରବିନାରାୟଣ ଦାଶ, ରଶ୍ମିରେଖା ପତି, ସୁଶୋଭନକାନ୍ତି ଦେ, ସ୍ୱାତୀ ମୁଖାର୍ଜୀ, ଶରତ କୁମାର ମହାପାତ୍ର, ନିରଞ୍ଜନ ରାଉତ, ଜ୍ୟୋତ୍ସ୍ନା ରାୟ, ଦୀପ୍ତିଲତା ଦାସ, ସୁଷମା ମହାପାତ୍ର, ସଞ୍ଜୟ କୁମାର ପଣ୍ଡା, କମଳାକାନ୍ତ ଦାଶ, ମହମ୍ମଦ ଇନାୟତ ଅଲ୍ଲୀ, ରମାକାନ୍ତ ମହାନ୍ତି, ସର୍ବେଶ୍ୱର ଜେନା, ଅନନ୍ତ କୁମାର ପ୍ରଧାନ, ଡ. ରତ୍ନାକର ସିଂ, ଶାନ୍ତିଲତା ପଣ୍ଡା, ଲକ୍ଷ୍ମୀକାନ୍ତ ବେହେରା, ମମତା ଦାସ, ଯୋଗେଶ ଚନ୍ଦ୍ର ପ୍ରଧାନ, ସୁବ୍ରତା ମହାନ୍ତି, ସଙ୍ଗୀତା ବାରିକ, ବାସନ୍ତୀ ଦେ, ବାସନ୍ତୀ କର, ବିଦ୍ୟାଧର ସାହୁ, ରଞ୍ଜନ ବାଗ, ସୁଶାନ୍ତ କୁମାର କର, ଜୁମରନାଥ ପାତ୍ର, ପଦ୍ମଲୋଚନ ଦତ୍ତ ପ୍ରମୁଖ ୭୦ରୁ ଅଧିକ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ




ଉଦଳା, ୨୧/୧୧ (ନି.ପ୍ର): ଏନ୍‌ସି ଟ୍ୟାଗ ହଟାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଦିର୍ଘ ୨ ବର୍ଷ ଧରି ଅନ୍ୟାୟର ଶିକାର ହୋଇ ଚାଲିଥିବା ସାରା ଦେଶର ୧ଲକ୍ଷ ୮୦ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଚଳିତ ନଭେମ୍ବର ୧୮ ତାରିଖ ଦିନ ନିଜ ନିଜର ଜିଲ୍ଲାପାଳ ମାନଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି । ତତ୍‌ସହିତ ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ତାଳଚେର ସ୍ଥିତ ଘର ସାମ୍ନାରେ ଜୋରଦାର ଆନ୍ଦୋଳନ କରିଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲାର ବାରିପଦା ଠାରେ ମଧ ଜିଲ୍ଲା କୋର୍ଡ଼ିନେଟର ରବିନାରାୟଣ ମହାନ୍ତି ଓ ନମିତା ରାଉତଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଏକତ୍ରୀତ ହୋଇ ଦାବୀପତ୍ର ପ୍ରଦାନ କରିଥିବାର ଜଣାଯାଇଛି । ଏନ୍‌ସି ଟ୍ୟାଗ ନହଟିଲେ ସାରା ଦେଶର ପ୍ରତି ଜିଲ୍ଲାରୁ ୨୨ ଜଣ ଶିକ୍ଷକ ପ୍ରତିନିଧି ୨୯ ନଭେମ୍ବରରେ ଦିଲ୍ଲି ଯିବାକୁ ଚେତାବନୀ ଦେଇଥିବାର ଶିକ୍ଷୟିତ୍ରୀ ନମିତା ଗଣମାଧ୍ୟମକୁ ଜଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ ୨୦୧୭ ମସିହାରେ କେନ୍ଦ୍ର ଶିକ୍ଷାମନ୍ତଣାଳୟର ଏକ ସଂସ୍ଥା ଏନ୍‌ଆଇଓଏସ୍ ରେ ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ୨ ବର୍ଷିଆ ଡ଼ିଇଏଲଇଡ଼ି କୋର୍ସ କରିଥିଲେ । ସେଥିପାଇଁ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏକଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା । ଏମାନେ ପରୀକ୍ଷା ଦେଇ ଡ଼ିଇଏଲଇଡ଼ି କୋର୍ସ ମଧ ପାସ କରିଗଲେ । କିନ୍ତୁ ଏନ୍‌ଆଇଓଏସ୍ ଏମାନଙ୍କୁ ସାର୍ଟିଫିକେଟ ନ ଦେଇ ଏନ୍‌ସି ଟ୍ୟାଗ ଲଗାଇ ଦେଲା । ସେଥିପାଇଁ ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଚାକିରୀ ଏବେ ଚାଲିଯିବାର ଭୟ ସୃଷ୍ଟି ହୋଇଛି ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୫୦୭୫୧ ପରିବାର ହେବେ ଉପକୃତ



ଜଳେଶ୍ୱର, ୨୧/୧୧(ନିପ୍ର) : ଜଳେଶ୍ୱର ବ୍ଲକ ଓ ମ୍ୟୁନିସିପାଲଟି ଅଂଚଳର ୫୦୭୫୧ ପରିବାର ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ସ୍ମାର୍ଟକାର୍ଡ ପାଇବାଲାଗି ଏକ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜି ଏଥିଲାଗି ଜଳେଶ୍ୱର ଗୋଷ୍ଠି ଉନ୍ନୟନ କାର୍ଯ୍ୟାଳୟ ପରିଷଦର ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇ ଯାଇଛି । ଜଳେଶ୍ୱର ବିଧାୟକ ଅଶ୍ୱିନି କୁମାର ପାତ୍ର, ବିଡିଓ ଦିପ୍ତିରଂଜନ ସେଠୀ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ଡା. ପ୍ରଭାସ ଚନ୍ଦ୍ର ନାୟକ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଉପସ୍ଥିତ ଥିବା ବେଳେ ୩୫ଟି ପଂଚାୟତର ସରପଂଚ, ସଦସ୍ୟ ଓ ଜିଲା ପରିଷଦ ସଦସ୍ୟ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଆସନ୍ତା ୨୬ ତାରିଖରେ ବାଲେଶ୍ୱର ଜିଲାକୁ ମୁଖ୍ୟମନ୍ତ୍ରୀ ଗସ୍ତ କରି ସ୍ମାଟକାର୍ଡ ବଣ୍ଟନ ହେବାର ବ୍ୟବସ୍ଥା ହୋଇଛି । ସେଠାରେ ମାତ୍ର ୧୦ଜଣ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ପ୍ରଦାନ କରାଯିବ । ପରେ ଅପରାହ୍ନରେ ଜଳେଶ୍ୱର ମ୍ୟୁନିସିପାଲଟିର ୧୨ନଂ ୱାର୍ଡ ଲାଗି ମୁରଲି କଲ୍ୟାଣ ମଣ୍ଡପଠାରେ ସ୍ମାଟକାର୍ଡ ଦେବାର ବ୍ୟବସ୍ଥା ହୋଇଛି । ସେହିପରି ବ୍ଲକ ଅଂଚଳଲାଗି ଲକ୍ଷ୍ମଣନାଥ ହାଇସ୍କୁଲରେ ଏପରି କାର୍ଡ ବଣ୍ଟନ ଲାଗି ବ୍ୟବସ୍ଥା ହୋଇଛି । ମ୍ୟୁନିସିପାଲଟିର ୫୩୧୨ ଓ ବ୍ଲକ ଅଂଚଳରେ ୪୫୪୩୯ ପରିବାରକୁ ଏପରି କାର୍ଡ ଦେବା ସଂପର୍କରେ ଆଜି ବୈଠକରେ ଆଲୋଚନା ହୋଇଛି । କାର୍ଡ ଦେବ ପୂର୍ବରୁ ଗ୍ରାମାଂଚଳ ଓ ପୌରପାଳିକାରେ ଥିବା ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନେ ଘରକୁ ଘର ବୁଲି ଏ ସଂପର୍କରେ ସୂଚନା ଦେବେବୋଲି ଜଣାଯାଇଛି । କାର୍ଡ ଦେଲାବେଳେ ବିଧାୟକ ଉପସ୍ଥିତ ରହିବା ସଂପର୍କରେ କୁହାଯାଇଛି । ପ୍ରତିଗାଁରେ ପ୍ରାଥମିକ ବିଦ୍ୟାଳୟରେ ୨୬ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଡ ଦେବାର ବ୍ୟବସ୍ଥା ହୋଇଥିବ ସଂପର୍କରେ ବୈଠକରେ ଆଲୋଚନା ହୋଇଛି । କୌଣସି ପରିବାରର ପୁରୁଷ ମାନଙ୍କ ଲାଗି ୫ଲକ୍ଷ ଓ ମହିଳା ମାନଙ୍କଲାଗି ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବିମା ରହିଛି ।

# ମେଡିକାଲରେ ସ୍ୱଚ୍ଛଭାରତ ଅଭିଯାନ

ଭଦ୍ରକ,୨୧/୧୧ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଅନିତାରାଣୀ ରାଉତଙ୍କ ନେତୃତ୍ୱରେ ରବିବାର ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମେଡିକାଲ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କ ସମେତ ଗଣେଶ ଏଜେନ୍ସି କର୍ମଚାରୀମାନେ ମିଳିତ ଭାବେ ମେଡିକାଲ ପରିସର ସଫେଇ କରିଥିଲେ। ଝରଣା, ପ୍ରତିମା, ସ୍ୱୟଂପ୍ରଭା, ଲିପାରାଣୀ, ଲିପ୍ସିନା, ବିକାଶ, କଳ୍ପତରୁ, ପ୍ରଶାନ୍ତ, ଅମୂଲ୍ୟ, ଶୁଭମ, ସୁବ୍ରତ, ସନ୍ତୋଷ, ପ୍ରିୟବ୍ରତ, ମଧୁସ୍ମୀତା, ଲକ୍ଷ୍ମୀପ୍ରିୟା, ଆରତୀ, ଅପରୂପା ପ୍ରମୁଖ ସ୍ୱଚ୍ଛ ଭାରତ ଅଭିଯାନରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲା ସ୍ତରୀୟ ଶିଶୁ ସୁରକ୍ଷା ସପ୍ତାହ ପାଳନ

## ପୋଷ୍ୟ ସନ୍ତାନ ଗ୍ରହଣ ଓ ବାଲ୍ୟ ବିବାହ ନିରାକରଣ ସମ୍ପର୍କରେ ଆଲୋଚନା




ବାରିପଦା,୨୧/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଆଜି ବାରିପଦା ମୁର୍ଗାବାଡି ସ୍ଥିତ ପ୍ରୟାସ ସଭାଗୃହରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ନଭେମ୍ବର ୧୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ସପ୍ତାହ ବ୍ୟାପି ଶିଶୁ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅବସର ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ଶିଶୁ ଅଧିକାର ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉଦଯାପନୀ ଉତ୍ସବ ପାଳନ ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣକୁ ପ୍ରତ୍ସାହନ ତଥା ବାଲ୍ୟ ବିବାହ ଭଳି କୁପ୍ରଥାକୁ ବନ୍ଦ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରି ଶିଶୁ ମାନଙ୍କ ପ୍ରତି ଥିବା ଆଇନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେରେ ଆଲୋଚନା କରିଥିଲେ । ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଅମର କୁମାର ଦେ ପୋଷ୍ୟ ସନ୍ତାନ ଗ୍ରହଣର ପ୍ରକ୍ରିୟା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଏକ୍ସନ ଏଡର ଜିଲ୍ଲା ସଂଯୋଜକ ପ୍ରକାଶ କୁମାର ବାରିକ ବାଲ୍ୟ ବିବାହ ନିରାକରଣ ସମ୍ପର୍କରେରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ରୂପଭାନୁ ମିଶ୍ର , ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୌମ୍ୟ ରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧକ୍ଷକ ଉମା ଶଙ୍କର ମହାରଣା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ ମାଳା ମିଶ୍ର, ଶିଶୁ ମଙ୍ଗଳ ସମିତିର ସଦସ୍ୟ ଜୀବନ କୃଷ୍ଣ ବେହେରା, କିଶୋର ନ୍ୟାୟ ବୋର୍ଡର ସଦସ୍ୟ ଡ଼ା ସିରିଶ ଚନ୍ଦ୍ର ଭୋଳ ଓ ସଦସ୍ୟା ଶ୍ରୀମତୀ ସ୍ୱର୍ଣ୍ଣଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କୀୟ ଆଇନ ଗତ ଦିଗ ବିଷୟରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ତିନି ଜଣ ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ପିତା ମାତା ଓ ବିଭିନ୍ନ ସମୟରେ ପରିତ୍ୟକ୍ତ ଶିଶୁ ମାନଙ୍କୁ ଉଦ୍ଧାର କରି ଶିଶୁ ମାନଙ୍କର ଜୀବନ ରକ୍ଷା କରିଥିବା ଭଳି ମହତ କାର୍ଯ୍ୟ କରିଥିବାରୁ ୬ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ, ସିଡିପିଓ ତଥା ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo